ବର୍ଷ-୨୫, ସଂଖ୍ୟା-୨୭୭
ଭୁବନେଶ୍ୱର
୧୮, ଅକ୍ଟୋବର, ୨୦୨୫ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 277
Bhubaneswar
18, October, 2025 Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ମୂଲ୍ୟବାନ ହୀରା ଖଚିତ ପୋଷାକରେ ଚମକିଲେ ଐଶ୍ୱର୍ଯ୍ୟା

# ୩ ବଡ଼ ଦୁର୍ଘଟଣା, ୧୨ ମୃତ

ଭୁବନେଶ୍ୱର, ୧୭।୧୦(ମହାଭାରତ): ସୋରଡ଼ା/ ବିଜେପୁର: ରାଜ୍ୟରେ ୩ ବଡ଼ ଧରଣର ପୃଥକ ପୃଥକ ଦୁର୍ଘଟଣାରେ ୧୨ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି ଏବଂ ତିନି ଜଣ ଗୁରୁତର ଆହତ ହୋଇଛନ୍ତି ଗଞ୍ଜାମ ଜିଲ୍ଲାରେ ୪ ଜଣ ପ୍ରାଣ ହରାଇଥିବା ବେଳେ ବରଗଡ଼ ଜିଲ୍ଲାରେ ମଧ୍ୟ ୪ ଜଣ ପ୍ରାଣ ହରାଇଛନ୍ତି ।

ଗଞ୍ଜାମ ଜିଲ୍ଲା ସୋରଡ଼ାରେ ଆଜି ରାତି ସାଢ଼େ ୧୧ଟାରେ ଏକ ବାଇକ୍ ଓ ସ୍କୁଟି ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୪ ଜଣଙ୍କର ମୃତ୍ୟୁ ଘଟିଛି ଦୁଇ ଜଣ ଗୁରୁତର ହୋଇଛନ୍ତି ।ସ୍କୁଟିକୁ ଗୋଟିଏ ବାଇକ୍ ଏତେ ଜୋର୍‌ରେ ଧକ୍କା ଦେଇଥିଲା ଯେ ଉଭୟ ଗାଡ଼ି ଚୂର୍‌ମାର୍ ହୋଇଯାଇଥିଲା ।ମୃତକମାନେ ହେଲେ ଅସୁରବନ୍ଧ ଗ୍ରାମର ଶ୍ରୀକାନ୍ତ ଗୌଡ଼, ଦୁଲାଢ଼ର ମନୋଜ ଡାକୁଆ, ଗୋପାଳପୁର ଶାସନର ମହେନ୍ଦ୍ର ନାୟକ ଓ ସାନସୋରଡ଼ାର ରଜନୀ ଗୌଡ଼। ମୃତକଙ୍କ ମଧ୍ୟରେ ୨ ଜଣ ବିଦ୍ୟୁ ବିଭାଗ କର୍ମଚାରୀ ଅଛନ୍ତି। ସେହିପରି ସୋରଡ଼ାର ଜୟନ୍ତ ବାଡ଼ତିଆ ଓ ଦୁଲାଢ଼ର ପୂର୍ଣ୍ଣ ଗୌଡ଼ଙ୍କୁ ସୋରଡ଼ା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ୩ ଜଣ ବିଦ୍ୟୁତ କର୍ମଚାରୀ ସ୍କୁଟିରେ ସୋରଡ଼ା-ଗାଜଲବାଡ଼ି ରାସ୍ତାରେ ଯାଉଥିବା ବେଳେ ଅନ୍ୟ ୩ ଜଣଙ୍କ ବାଇକ୍ ବିପରୀତ ପଟୁ ସେମାନଙ୍କୁ ଧକ୍କା ଦେଇଥିଲା ସେମାନଙ୍କ ମଧ୍ୟରୁ ୨ ଜଣ ଓ ବାଇକ୍‌ରେ ବସିଥିବା ଦୁଇ ଜଣ ଆରୋହୀ ପ୍ରାଣ ହରାଇଛନ୍ତି।



ସେହିଭଳି ଆଉ ଏକ ଦୁଃଖଦ ଦୁର୍ଘଟଣା ଘଟିଛି ବରଗଡ଼ ଜିଲ୍ଲା ସୋହେଲା ବ୍ଲକ୍ ବିଜାମ ଗ୍ରାମରେ ବୋରଲେ୍ ଗାଡ଼ି ଚପାରେ ୪ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି ଜଣେ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି ।ମୃତକମାନେ ହେଲେ ମଧ୍ୟପ୍ରଦେଶ ବାଲଘାଟ ଜିଲ୍ଲାର ଫଗନ ସିଂହ (୩୪), ବିଷ୍ଣୁ ମାରଭାଇ (୨୩), ଦାମୋ ଜିଲ୍ଲାର ଶଙ୍କର ଆଢ଼ବାସୀ (୨୧) ଓ ଛତିଶଗଡ଼ କାର୍ଦ୍ଧାର ରାଜେଶ କୁମାର ନେଟମ (୨୦) ଅନ୍ୟ ଜଣେ ମଧ୍ୟପ୍ରଦେଶର ଡମରବାଲେ ହୀରା ଗୁରୁତର ଆହତ ହୋଇଛନ୍ତି ତାଙ୍କୁ ବରଗଡ଼ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରୁ ବୁର୍ଲା ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ଦୁର୍ଘଟଣା ଘଟାଇଥିବା ଟ୍ରକ୍ (କେଡି-୦୧ବି-୫୫୧୩)କୁ ପୁଲିସ ଜବତ କରିଛି ତାମିଲନାଡୁର ଗାଡ଼ିଚାଳକ ସିନିଭାସନ ସୀତାରମନ ଘଟଣାସ୍ଥଳରୁ ଫେରାର୍ ମାରିଥିବା ପୁଲିସ ସୂତ୍ରରୁ ସୂଚନା ମିଳିଛି।

ବିର୍ଜାମ ଗ୍ରାମରେ ଉକ୍ତ ନଳକୂଅ ଖୋଳା ଚାଲିଥିବା ସମୟରେ ବୁଧବାର ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଥିଲା କାମ କରୁଥିବା ଠିକା ସଂସ୍ଥାର ଦୁଇଟି ଟ୍ରକ୍ ମଧ୍ୟରୁ ଗୋଟିଏ ଖନନ କାମରେ ନ୍ୟସ୍ତ ଥିବାବେଳେ ଅନ୍ୟ ଏକ ଟ୍ରକ୍ ଡିଜେଲ ଆଣିବାକୁ ଯାଇଥିଲା। ଖନନ କାମ କରୁଥିବା ଶ୍ରମିକମାନେ ରାତିରେ ଉକ୍ତ ଗାଡ଼ି ନିକଟରେ ଶୋଇଥିଲେ। ଡିଜେଲ ଆଣି ଫେରିଥିବା ଅନ୍ୟ ଗାଡ଼ି ଶୋଇଥିବା ଅବସ୍ଥାରେ ସେମାନଙ୍କ ଉପରେ ମାଡ଼ି ଯାଇଥିବା ପୁଲିସ ଅନୁମାନ କରୁଛି ଚପି ହୋଇ ଶ୍ରମିକମାନଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି।

ଢେଙ୍କାନାଳ ଜିଲା ମାଳପୁରା ଓଭରବ୍ରିଜ ନିକଟରେ ଆଜି ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଟ୍ରକ ବାଇକ୍‌କୁ ଧକ୍କା ଦେଇଛି। ଦୁର୍ଘଟଣାରେ ୨ ଶିଶୁଙ୍କ ସମେତ ୪ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ସ୍ୱାମୀ, ସ୍ତ୍ରୀ, ୬ ବର୍ଷର ଝିଅ ଏବଂ ୮ ବର୍ଷୀୟା ଝିଅ ।ରୀର ମୃତ୍ୟୁ ହୋଇଛି । ଘଟଣାସ୍ଥଳରେ ୩ ଜଣଙ୍କର ମତ୍ୟୁ ହୋଇଥିବାବେଳେ ଢେଙ୍କାନାଳ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମହିଳାଙ୍କର ମୃତ୍ୟୁ ହୋଇଛି । ପୋଲିସ ଘଟଣା ସ୍ଥଳରେ ପହଁଚି ମୃତ ଦେହ ଗୁଡ଼ିକୁ ଜବତ କରିଛି । କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଅଞ୍ଚଳର ଭାବଗ୍ରାହୀ କାରୁଆଁ ନିଜ ଝିଅ ନାଁରେ ବ୍ୟାଙ୍କରେ ଟଙ୍କା ରଖିବା ପାଇଁ ଓ କିଛି କିଣାକିଣି ପାଇଁ କାମାକ୍ଷାନଗର ଯାଉଥିଲେ। ହେଲେ ତାଙ୍କ ବାଇକକୁ ମାଳପୁରା ଓଭରବ୍ରିଜ ନିକଟରେ ଧକ୍କା ଦେଇଥିଲା ଅଜଣା ଗାଡ଼ି।

## ପରାକ୍ରମ ଦେଖାଇଲା ସ୍ୱଦେଶୀ ଯୁଦ୍ଧ ବିମାନ

**ନୂଆଦିଲ୍ଲୀ, ୧୭।୧୦):** ଭାରତକୁ ମିଳିଲା ଆଉ ଏକ ସଫଳତା । ଶତ୍ରୁ ପାଇଁ କାଳ ତିଆରି କଲା ଭାରତ। ସ୍ୱଦେଶୀ ଜିନିଷ ବ୍ୟବହାର ଉପରେ ଭାରତ ସରକାର ଗୁରୁତ୍ୱାରୋପ କରୁଥିବା ବେଳେ ଏବେ ଭାରତକୁ ଏହାର ପ୍ରଥମ ସ୍ୱଦେଶୀ ଲଢୁଆ ବିମାନ ମିଳିଛି । ଭାରତର ସ୍ୱଦେଶୀ ଲଢୁଆ ବିମାନ, ତେଜସ ଏମ୍‌କେ୧ଏ ଆଜି ସଫଳତାର ସହ ଉଡ଼ାଣ କରିଛି । ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ ର ନାସିକ୍ କାରଖାନାରେ ତେଜସର ସଫଳ ପରୀକ୍ଷଣ କରାଯାଇଥିବା ଜଣାଯାଇଛି। ଏଲସିଏ (ହାଲୁକା ଯୁଦ୍ଧ ବିମାନ) ପାଇଁ ହାଲ୍‌ର ତୃତୀୟ ଉତ୍ପାଦନ କେନ୍ଦ୍ର ଏବଂ ହିଟ୍-୪୦ ତାଲିମଦାତା ବିମାନ ପାଇଁ ଦ୍ୱିତୀୟ ଉତ୍ପାଦନ କେନ୍ଦ୍ର ମଧ୍ୟ ଉଦଘାଟିତ ହୋଇଛି । ତେଜସ୍ ଏମ୍‌କେ୧ଏ ଏକ ୪.୫-ପିଢ଼ିର ବହୁ-ଭୂମିକା ଥିବା ଯୁଦ୍ଧ ବିମାନ, ଯାହା ବାୟୁରେ ରହି ଦେଶକୁ ସୁରକ୍ଷା ଦେବା ସହ ଭୂମି ଉପରେ ମଧ୍ୟ ଆକ୍ରମଣ କରିପାରିବ । ଭାରତୀୟ ବାୟୁସେନା ପାଖରେ ପୂର୍ବରୁ ତେଜସ୍ ବିମାନ ଅଛି, କିନ୍ତୁ ତେଜସ୍ ଏମ୍‌କେ୧ଏ ଏକ ଉନ୍ନତ ସଂସ୍କରଣ ଯେଉଁଥିରେ ଅନେକ ନୂତନ ପ୍ରଯୁକ୍ତିବିଦ୍ୟାକୁ ଅନ୍ତର୍ଭୁକ୍ତ କରାଯାଇଛି । ଗତ ମାସ ସେପ୍ଟେମ୍ବର ୨୬ ତାରିଖରେ ବାୟୁସେନା ତା'ରବାହିନୀରୁ ଏମ୍‌ଆଇଜି୨୧କୁ ଅବସର ଦେଇଥିଲା । ହାଲ୍ କହିଛି ଯେ ତେଜସ୍ ଏମ୍‌କେ୧ଏର ସମସ୍ତ ପରୀକ୍ଷଣ ସଫଳତାର ସହ ସମାପ୍ତ ହୋଇଛି । ଏହି ଲଢୁଆ ବିମାନଟି ବ୍ରହ୍ମୋସ ସମେତ ବିଭିନ୍ନ ସ୍ୱଦେଶୀ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହେବ । ତେଜସ୍ ଏମ୍‌କେ୧ଏର ବେଗ ଘଣ୍ଟା ପ୍ରତି ୨୨୦୦ କିଲୋମିଟରରୁ ଅଧିକ। ଏହା ତେଜସ୍ ଲଢୁଆ ବିମାନର ଏକ ଉନ୍ନତ ସଂସ୍କରଣ, ଯେଉଁଥିରେ ଉନ୍ନତ ଏଭିଓନିକ୍ସ ଏବଂ ରାଡାର ସିଷ୍ଟମ ରହିଛି ।



## ଡିଆଇଜିଙ୍କ ଘରୁ ମିଳିଲା ୭.୫ କୋଟି ନଗଦ ଟଙ୍କା

ନୂଆଦିଲ୍ଲୀ, ୧୭।୧୦: କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ପଞ୍ଜାବ ପୋଲିସର କୋଟି ପତି ଅଧିକାରୀଙ୍କୁ ଶୁକ୍ରବାର ଗିରଫ କରିଛି। ଡିଆଇଜି ହରଚରଣ ସିଂ ଭୁଲ୍ଲର ଲାଞ୍ଚ ନେବା ଅଭିଯୋଗରେ ସିବିଆଇ ଦ୍ୱାରା ଗିରଫ ହୋଇଛନ୍ତି । ଅଭିଯୋଗ ଆସିବା ପରେ ଡିଆଇଜିଙ୍କର ଏକାଧିକ ସ୍ଥାନରେ ଚଢ଼ଉ ହୋଇଥିଲା ।ପଞ୍ଜାବ, ଚଣ୍ଡିଗଡ଼, ଛତିଶଗଡ଼ରେ ଥିବା ଘରେ ନିଜର କଳାଧନକୁ ସାଇତି ରଖିଥିଲେ ଯାଞ୍ଚ ବେଳେ ତାଙ୍କ ଛତିଶଗଡ଼ସ୍ଥିତ ବାସଭବରୁ ସାଢ଼େ ୭ କୋଟି ନଗଦ ଟଙ୍କା, ଅଢ଼େଇ କିଲୋଗ୍ରାମ ସୁନା ଅଳଙ୍କାର, ୨୬ଟି ଦାମୀ ଘଣ୍ଟା ଯେଉଁଥିରେ ରୋଲେକ୍ସ ଓ ରାଡୋ ଭଳି ବ୍ରାଣ୍ଡ୍ ରହିଛି, ଏସବୁ ଜବତ ହୋଇଛି। ଏତଦବ୍ୟତୀତ ପରିବାର ସଦସ୍ୟଙ୍କ ନାମରେ ୫୦ରୁ ଅଧିକ ସମ୍ପତ୍ତି, ବ୍ୟାଙ୍କ୍ ଲକର, ସମରାଲାରେ ଥିବା ଫାର୍ମହାଉସରୁ ୧୦୦ କାରତୁସ୍ ଓ ୪ଟି ବନ୍ଧୁକ, ୧୦୮ଟି ମଦ ଭର୍ତ୍ତି ବୋତଲ, ୫.୭ ଲକ୍ଷ ନଗଦ ଟଙ୍କା ମିଳିଛି ।

# ଏକାଥରକେ ୨୦୮ ଆତ୍ମସମର୍ପଣ

ନୂଆଦିଲ୍ଲୀ, ୧୭।୧୦(ମହାଭାରତ): ଇତିହାସରେ ପ୍ରଥମ ଘଟଣା। ଅସ୍ତ୍ର ଛାଡ଼ିଛନ୍ତି ୨୦୮ ମାଓବାଦୀ। ଜଗଦଲପୁରଠାରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁପଦ ସାଏଙ୍କ ନିକଟରେ ୨୦୮ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି।କେନ୍ଦ୍ରୀୟ କମିଟି ସଦସ୍ୟ ରୂପେଶଙ୍କ ନେତୃତ୍ୱରେ ୧୫୦ରୁ ଅଧିକ ମାଓବାଦୀ ବୀଜାପୁରରୁ ଚାଲି ଚାଲି ଆସି ଇନ୍ଦ୍ରାବତୀ ନଦୀ କୂଳରେ ଏକାଠି ହୋଇଥିଲେ। ସମସ୍ତଙ୍କୁ ସ୍ୱତନ୍ତ୍ର ବସ ଯୋଗେ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଜଗଦଲପୁର ନିଆଯାଇଥିଲା। ସେହିପରି କାଙ୍କେର ଜିଲ୍ଲାରେ ମଧ୍ୟ ବହୁ ନକ୍ସଲ ଆତ୍ମସମର୍ପଣ କରିବାକୁ ଆଗେଇ ଆସିଥିଲେ। ସେମାନଙ୍କୁ ମଧ୍ୟ ଜଗଦଲପୁର ନିଆଯାଇଥିଲା। ସମସ୍ତେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଆତ୍ମସମର୍ପଣ କରିଛନ୍ତି। ଅସ୍ତ୍ର ବଦଳରେ ମାଓବାଦୀଙ୍କ ହାତରେ ରହିଥିଲା ଭାରତ ସମ୍ବିଧାନ ଏବଂ ଗୋଲାପ ଫୁଲ। ୧୫୩ ମାରଣାସ୍ତ୍ର ଦାଖଲ କରିଛନ୍ତି, ଯେଉଁଥିରେ ଏକେ-୪୭ ରାଇଫଲ୍, ଇନସାସ୍ ରାଇଫଲ୍, ଆଦି ରହିଛି। ମାଓନେତା ରୂପେଶ ଜଂଗଲରେ ରହିଯାଇଥିବା ଅନ୍ୟ ମାଓବାଦୀମାନଙ୍କୁ ମଧ୍ୟ ତୁରନ୍ତ ମୁଖ୍ୟସ୍ରୋତରେ ସାମିଲ ହେବାକୁ ଆହ୍ୱାନ କରିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀ ପ୍ରଥମ କରି ପରିବାର ସହ ଦୀପାବଳି ପାଳନ କରିବେ। ଯେଉଁଥିପାଇଁ ସେମାନେ ବହୁତ ଖୁସି ବୋଲି କହିଛନ୍ତି ବହୁ ମାଓବାଦୀଙ୍କ ପରିବାର। ଚାଷୀ ଶ୍ରେଣୀର ହୋଇଥିବାରୁ ସେମାନେ ଚାଷ ଉପରେ ବିଶେଷ ଗୁରୁତ୍ୱ ଦେବେ ବୋଲି କହିଥିଲେ। ଆଗକୁ ମଧ୍ୟ ବହୁ ନକ୍ସଲ ନିଜର ହତିଆର ପୁଲିସ ନିକଟରେ ରଖିବେ ବୋଲି ଜଣାପଡିଛି। ଦୁର୍ଦାନ୍ତ ହିଡମା ମଧ୍ୟ ଦୀପାବଳି ପରେ ଆତ୍ମସମର୍ପଣ କରିବା ନେଇ ସୂଚନା ମିଳିଛି। ଯଦି ଏହା ସତ ହୁଏ ତେବେ ନକ୍ସଲ ସଂଗଠନ ସଂପୂର୍ଣ୍ଣ ମୂଳପୋଛ ହେଲା ବୋଲି କୁହାଯାଇପାରିବ।



ସୀମାନ୍ତ ଛତିଶଗଡ଼ରେ ପୁଲିସ ତରଫରୁ ଆରମ୍ଭ କରାଯାଇଥିବା ଅପରେସନ କଗାର ସଫଳତା ଦେଇଛି। ଲଗାତାର ଅପରେସନରେ ନକ୍ସଲଙ୍କୁ ନିପାତ କରିଥିଲେ ଯବାନ। ଯାହାଫଳରେ ନକ୍ସଲ ସଂଗଠନ ଖଣ୍ଡ ଖଣ୍ଡ ହୋଇଯାଇଥିଲା। ମାଓ ନେତା ବାସବରାଜୁର ମୃତ୍ୟୁ ନକ୍ସଲ ସଂଗଠନକୁ ଦୋହଲାଇ ଦେଇଥିଲା ପୁଲିସ ଯଦି ବଡ଼ ନେତା ବାସବରାଜୁକୁ ମାରିପାରିଲା।

ତେବେ ଅନ୍ୟ ନକ୍ସଲ ସେମାନଙ୍କ ପାଇଁ କଷ୍ଟ ନୁହେଁ ତେଣୁ ଲଗାତାର ନକ୍ସଲ ସଂଗଠନ ଛାଡି ବିଭିନ୍ନ ଥାନରେ ନକ୍ସଲ ଆତ୍ମସମର୍ପଣ କଲେ ।ଗତ ଦୁଇ ଦିନ ତଳେ ମହାରାଷ୍ଟ୍ରର ଗଡଚରେଲିରେ ସିସି ମେମ୍ବର ଭୁପତି ଅରଫ ବେଣୁଗୋପାଲ ସମେତ ୬୧ ଜଣ ନକ୍ସଲ ଆତ୍ମସମର୍ପଣ କରିବାର ଗୋଟିଏ ଦିନରେ ଛତିଶଗଡର ଜଗଦଲପୁର ଠାରେ ୨୦୮ ଜଣ ନକ୍ସଲ ଆତ୍ମସମର୍ପଣ କରିବା ଦେଶର ଏକ ବଡ ଆତ୍ମସମର୍ପଣ ବୋଲି କୁହାଯାଉଛି ।ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଏବଂ ଉପମୁଖ୍ୟମନ୍ତ୍ରୀ ବିଜୟ ଶର୍ମାଙ୍କ ସମ୍ମୁଖରେ ସିସି ମେମ୍ବର ରୁପେଶଙ୍କ ନେତୃତ୍ୱରେ ଏହି ନକ୍ସଲମାନେ ଆତ୍ମସମର୍ପଣ କରିଥିଲେ।

# ଏସ୍‌ଆଇ ପରୀକ୍ଷା କେଲେଙ୍କାରୀର ଖୋଲୁଛି ଗୁମର

**ଭୁବନେଶ୍ୱର, ୧୭।୧୦(ମହାଭାରତ):** ପୋଲିସ ଏସଆଇ ପରୀକ୍ଷା କେଲେଙ୍କାରୀ ନେଇ କ୍ରାଇମ୍‌ବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ବଡ଼ ଖୁଲାସା କରିଛନ୍ତି । ମୋଷ୍ଟ ୱାଣ୍ଟେଡ୍ ଦଲାଲ୍ ମୁନା ମହାନ୍ତି ଓ ଜଣେ ମହିଳା ସମେତ ୩ ଗିରଫ। ସୁକାନ୍ତ ମହାରଣା, ସୌମ୍ୟା ପିୟଦର୍ଶିନୀ ଓ ଅଭିମନ୍ୟୁ ଦୋରା ଗିରଫ । ଅଭିଯୁକ୍ତମାନଙ୍କୁ ସୁରକ୍ଷା

## ଆଉ ୪ ଗିରଫ, ମହିଳା ଲିଙ୍କ୍

## ଦୀଘା ଓ ହାଇଦ୍ରାବାଦରେ ସ୍କାମ୍ ପ୍ଲାନ୍

ଯୋଗାଇ ଦେଉଥିଲା ଦଶପଲ୍ଲାର ଅଭିମନ୍ୟୁ ଦୋରା । ସୌମ୍ୟା ପ୍ରିୟଦର୍ଶିନୀ ପରୀକ୍ଷାର୍ଥୀ ଯୋଗାଡ଼ କରୁଥିଲେ ।ସହଯୋଗୀ ଭାବେ କାମ କରି ପ୍ରମାଣ ନଷ୍ଟ କରୁଥିଲା ସୌମ୍ୟା ପ୍ରିୟଦର୍ଶିନୀ । ଦୀଘା ଓ ହାଇଦ୍ରାବାଦରେ ମଡ୍ୟୁଲର ହେଉଥିଲା ସମସ୍ତ ସ୍କାମ୍ ପ୍ଲାନ୍ । ହାଇଦ୍ରାବାଦ ପରେ ଦୀଘା ମଡ୍ୟୁଲ ପାଇଁ ଯାଇଥାନ୍ତେ ପରୀକ୍ଷାର୍ଥୀ। ୧୧୦ ପରୀକ୍ଷାର୍ଥୀଙ୍କ ପାଇଁ ଦୀଘାରେ ରୁମ୍ ବୁକ୍ ହୋଇଥିଲା। ଦୀଘା ମଡ୍ୟୁଲର ନେତୃତ୍ୱ ନେଇଥିଲା ପୂର୍ବରୁ ଗିରଫ ଅରବିନ୍ଦ ଦାସ ।ଅରବିନ୍ଦ ଦାସଙ୍କ ଘର ବାଲେଶ୍ୱର ଓ ସୌମ୍ୟା ଘର ଢେଙ୍କାନାଳରେ। ଦିଲ୍ଲୀରେ ରହି ସବୁ ପରିଚାଳନା କରୁଥିଲ। ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟି । କେଲେଙ୍କାରୀର ମୁଖ୍ୟ ଶଙ୍କର ପୃଷ୍ଟିକୁ ରିପୋର୍ଟ କରୁଥିଲା ମୁନା ମହାନ୍ତି ।ପ୍ରଥମେ ମୁନା ମହାନ୍ତିଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରାଯିବ । କାହା ପାଖରେ କିଛି ସୂଚନା ଥିଲେ ଜଣାଇବାକୁ କ୍ରାଇମବ୍ରାଞ୍ଚ ଡିଜି ଅପିଲ୍ କରିଛନ୍ତି । ଶଙ୍କର ପୃଷ୍ଟିକୁ ଶୀଘ୍ର ଗିରଫ କରାଯିବ ବୋଲି କହିଛନ୍ତି କ୍ରାଇମ୍‌ବ୍ରାଞ୍ଚ ଡିଜି ।



ଏହି ଗିରଫ ପରେ ଗିରଫଦାରୀ ସଂଖ୍ୟା ୧୨୧ରେ ପହଞ୍ଚିଥିବା ବେଳେ ମୁନା ମହାନ୍ତିର କଳା ସାମ୍ରାଜ୍ୟର ରହସ୍ୟ ଖୋଲିବାରେ ଲାଗିଛି। ମୁନା ଦଶପଲ୍ଲାରେ ତାର ନେଟୱାର୍କ ଚଳାଇଥିବା ଜଣାପଡ଼ିଛି। ଯାହାକି ଦୁଇ ଦୁଇଟି ହାଇୱା ବାଲିଘାଟରେ ଲଗାଇ ଟଙ୍କା ରୋଜଗାର କରୁଥିଲା। କ୍ରାଇମ୍ ବ୍ରାଞ୍ଚର ଏହି ମାମଲା ପରେ ଦଶପଲ୍ଲାର ଏକ ପେଟ୍ରୋଲ ପମ୍ପରେ ଦୀର୍ଘଦିନ ଧରି (ଓଡ଼ି ୦୨ ସିୟୁ ୬୫୫୧) ଏବଂ (ଓଡ଼ି୦୨ ଡ଼ିଡ଼ି ୬୫୫୧) ହାଇୱା ଦୁଇଟି ରହିଥିବା ବେଳେ ଗତକାଲି ମୁନାକୁ କ୍ରାଇମ୍ ବ୍ରାଞ୍ଚ ଗିରଫ କରିବା ପରେ ଦଶପଲ୍ଲା ପୁଲିସ ହାଇୱା ଦୁଇଟିକୁ ନିଜ ହେପାଜତକୁ ନେଇଛି। ଏହାରି ମଧ୍ୟରେ ଆଜି ମଧ୍ୟ ଆଉଏକ ଫାର୍ମ ହାଉସରୁ ସେ ବ୍ୟବହାର କରୁଥିବା ଦାମି ଥର୍ ଗାଡି (ଓଡ଼ି ୦୨ ଡ଼ିଜି ୨୪୮୭)କୁ ଥାନା ଅଧିକାରୀ ବିନୟ ରଂଜନ ପରିଡ଼ା ଜବତ କରିଥିବା ସୂଚନା ଦେଇଛନ୍ତି ।ନୟାଗଡ଼ ଜିଲ୍ଲା ଦଶପଲ୍ଲାର ପୋଇବାଡ଼ି ସ୍ଥିତ ଜିତେନ୍ଦ୍ର ପାତ୍ରଙ୍କ ଫାର୍ମ ହାଉସରେ ଏହି ଦାମି ଥର୍ ଗାଡ଼ି ରହିଥିବା ବେଳେ ଖବରପାଇ ପୁଲିସ ନିଜ ହେପାଜତକୁ ଆଣିଛି। ଆହୁରି ମଧ୍ୟ ମୁନାଙ୍କ ସମ୍ପର୍କିୟଙ୍କ ନାମରେ ରହିଥିବା କିଛି ଜେସିବି ମେସିନ୍ ଦଶପଲ୍ଲାରେ ଚାଲୁଥିବା ଚର୍ଚ୍ଚାର ବିଷୟ ପାଲଟିଛି ।ମୁନାଙ୍କ ସହ ଆହୁରି କିଛି ବ୍ୟକ୍ତିଙ୍କ ସମ୍ପର୍କ ରହିଥିବା କୁହାଯାଉଥିବା ବେଳେ ସେ ବିଭିନ୍ନ ବ୍ୟବସାୟରେ ଟଙ୍କା ଲଗାଇଥିବା କୁହାଯାଉଛି।

## ହସ୍ପିଟାଲରୁ ଡିସଚାର୍ଜ ହେଲେ ପୀଡ଼ିତା

କୋଲକାତା, ୧୭।୧୦: ପଶ୍ଚିମବଙ୍ଗ ଦୁର୍ଗାପୁରରେ ଦୁଷ୍କର୍ମ ଶୀକାର ହୋଇଥିବା ଓଡ଼ିଆ। ଡାକ୍ତରୀ ଛାତ୍ରୀ ହସ୍ପିଟାଲରୁ ଡିସଚାର୍ଜ ହୋଇଛନ୍ତି। ଆଇକ୍ୟୁ ହସ୍ପିଟାଲ ପକ୍ଷରୁ ଏ ନେଇ ସୂଚନା ପ୍ରଦାନ କରାଯାଇଛି। ଦୁର୍ଗାପୁରରେ ମେଡ଼ିକାଲ ପଢୁଥିବା ବାଲେଶ୍ୱରର ଜଣେ ଓଡ଼ିଆ। ଝିଅ ଗଣଦୁଷ୍କର୍ମର ଶୀକାର ହୋଇଥିଲେ। ପାରାନଗଞ୍ଜ ଜଙ୍ଗଲର କାଲାବାଡ଼ି ଶ୍ମଶାନ ନିକଟରେ ଏହି ନାରକୀୟ କାଣ୍ଡ ଘଟିଥିଲା । ପ୍ରାୟ ଏକ ସପ୍ତାହ ହେବ ସେ ଆଇକ୍ୟୁ ମେଡ଼ିକାଲରେ ଚିକିତ୍ସାଧୀନ ଥିଲେ ଆଜି ତାଙ୍କୁ ଡିସଚାର୍ଜ କରାଯାଇଛି । ଏହି ମାମଲାରେ ପୀଡ଼ିତାଙ୍କ ପୁରୁଷ ବନ୍ଧୁ ସମେତ ୬ ଜଣଙ୍କୁ ଗିରଫ କରାଯାଇଛି।

## ୨୦ ତାରିଖ ଦୀପାବଳି ଛୁଟି ଘୋଷଣା

ଭୁବନେଶ୍ୱର, ୧୭।୧୦(ମହାଭାରତ): ଆସନ୍ତା ୨୦ ତାରିଖ ସୋମବାର ଦୀପାବଳି ଛୁଟି ଘୋଷଣା ରାଜସ୍ୱ ବିଭାଗ ପକ୍ଷରୁ ଏନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ପ୍ରସ୍ତାବ ଦିଆଯାଇଥିବା ସୂଚନା ରହିଛି ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ କ୍ରମେ ଛୁଟି ଘୋଷଣା ହୋଇଛି । ସୂଚନା ଥାଉକି ପୂର୍ବରୁ ୨୧ ତାରିଖକୁ ଛୁଟି ଘୋଷଣା କରିଥିଲେ ରାଜ୍ୟ ସରକାର। ହେଲେ ଦୀପାବଳି ପାଳନ ନେଇ କିଛି ଲୋକ ଆସନ୍ତା ୨୦ ତାରିଖକୁ କହୁଥିବାବେଳେ, ଆଉ କିଛି ୨୧ ତାରିଖ ଦିନ ଦୀପଦାନ ଏବଂ ପୟା ଶ୍ରାଦ୍ଧ ପାଳିବାକୁ ନିଷ୍ପତ୍ତି ହୋଇଥିଲା। ହେଲେ ମୁକ୍ତିମଣ୍ଡପ ପଣ୍ଡିତ ସଭା ପକ୍ଷରୁ ବୈଠକ ହେବା ପରେ ଏହି ଦ୍ୱନ୍ଦ ଦୂର ହୋଇ ୨୦ରେ ଦୀପାବଳି ଏବଂ ପୟା ଶ୍ରାଦ୍ଧ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ଏହାପରେ ସରକାର ୨୧ ତାରିଖ ପରିବର୍ତ୍ତେ ୨୦ ତାରିଖକୁ ଛୁଟି ଘୋଷଣା କରିବାକୁ ଦାବି ପରେ ୨୦ ତାରିଖ ସୋମବାର ଛୁଟି ଘୋଷଣା ହୋଇଛି।

# ଆଜି ମଇଦାନରେ ମୁହାଁମୁହିଁ ୩ ପ୍ରମୁଖ ଦଳ

ଭୁବନେଶ୍ୱର, ୧୭।୧୦(ମହାଭାରତ): ନୂଆପଡ଼ାରେ କାଲିଠାରୁ ଆରମ୍ଭ ହେବ ଅସଲ ଲଢ଼େଇ। ଆସନ୍ତାକାଲି ନୂଆପଡ଼ାରେ ସବୁ ଦଳ ଶକ୍ତି ପ୍ରଦର୍ଶନ କରିବେ। ଶୋଭାଯାତ୍ରାରେ ଯାଇ ବିଜେପି ଓ କଂଗ୍ରେସ ପ୍ରାର୍ଥୀ ନାମାଙ୍କନ ଭରିବାର କାର୍ଯ୍ୟକ୍ରମ ରହିଛି। ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆର ମଧ୍ୟ ପତିଆରା ଦେଖାଇବାକୁ ରଣନୀତି କରିଛନ୍ତି। ଘର ଘର ବୁଲି ପ୍ରଚାର କରୁଥିବା କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀ ମଧ୍ୟ ଶକ୍ତି ଦେଖାଇ। ପ୍ରଚାର ମଇଦାନରେ ମୁହାଁମୁହିଁ ହେବେ ତିନି ପ୍ରମୁଖ ଦଳର ପ୍ରାର୍ଥୀ। ମିଶ୍ରଣ ପର୍ବର ଅୟୋଜନ କରି ବଳ ବଢ଼ାଉଥିବା ସବୁ ରାଜନୈତିକ ଦଳ ଆସନ୍ତାକାଲି ନୂଆପଡ଼ାରେ ନିଜ ନିଜର ଦମ୍ ଦେଖାଇବେ।

ଦଳୀୟ ନେତା ଓ କର୍ମୀଙ୍କ ସହ ବିଶାଳ ଶୋଭାଯାତ୍ରାରେ ଯାଇ ନାମାଙ୍କନ ଭରିବେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ। ବିଧିବଦ୍ଧ ଭାବେ ନାମାଙ୍କନ ଭରିବେ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ବି ନୂଆପଡ଼ାରେ ଦମ୍ ଦେଖାଇବାକୁ ଯୋଜନା କରିଛନ୍ତି। ବିଜେପି ପରେ ଆଜି ବିଜେଡି ଷ୍ଟାର ପ୍ରଚାରକ ତାଲିକା ଜାରି କରିଛି । ଗତକାଲି ବିଜେପି ୪୦ଜଣିଆ। ନେତାଙ୍କ ତାଲିକା ଘୋଷଣା କରିଥିବା ବେଳେ ଆଜି ବିଜେଡି ଓ କଂଗ୍ରେସ ୪୦ ଜଣିଆ। ଷ୍ଟାର ପ୍ରଚାରକଙ୍କ ସୂଚୀ ଜାରି କରିଛି ।

ନୂଆପଡ଼ା ଉପନିର୍ବାଚନ ପାଇଁ କଂଗ୍ରେସ ପକ୍ଷରୁ ୪୦ ଜଣିଆ। ଷ୍ଟାର ପ୍ରଚାରକ ତାଲିକା ପ୍ରକାଶ ପାଇଛି। ଓଡ଼ିଶା କଂଗ୍ରେସ ପ୍ରଦେଶ କମିଟି (ଓପିସିସି) ସଭାପତି ଭକ୍ତଚରଣ ଦାସଙ୍କ ପକ୍ଷରୁ ଏହି ତାଲିକା ପ୍ରେସ୍ ବିଜ୍ଞପ୍ତି



ଜରିଆରେ ଦିଆଯାଇଛି। ଏହି ତାଲିକାରେ ସାଂସଦ, ବିଧାୟକ ଓ ବରିଷ୍ଠ ନେତା ସାମିଲ ଅଛନ୍ତି।

କଂଗ୍ରେସର ପ୍ରଚାର ତାଲିକାରେ ଅଜୟ କୁମାର ଲଲ୍ଲୁ, ଭକ୍ତଚରଣ ଦାସ, ରାମଚନ୍ଦ୍ର କାଡାମ, ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲ, ରାଜସ୍ଥାନର ସଚିନ ପାଇଲଟ, କୋରାପୁଟ ସାଂସଦ ସପ୍ତଗିରି ଉଲାକା, ତେଲେଙ୍ଗାନାର ମୁଖ୍ୟମନ୍ତ୍ରୀ ଏ ରେବନ୍ତ ରେଡ୍ଡୀ, ମଲ୍ଲୁଭଟ୍ଟି ବିକ୍ରମାର୍କ, ଡ଼ଃ ଗିରିଧର ଗୋମାଙ୍ଗ, କହ୍ନେୟା କୁମାର, ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ଶରତ ପଟ୍ଟନାୟକ, ପ୍ରସାଦ ହରିଚନ୍ଦନ, ଶ୍ରୀକାନ୍ତ ଜେନା, ସାହନାଜ ଚୌଧୁରୀ, କିଶୋର ପଟେଲ, ନରସିଂହ ମିଶ୍ର, ତାରା ପ୍ରସାଦ ବହିନୀପତି, ଡ଼ଃ ସି.ଏସ୍. ରାଜନ ଏକ୍କା, ସନ୍ତୋଷ ସିଂହ ସାଲୁଜା, ସସ୍ମିତା ବେହେରା, ଦ୍ୱାରିକା ପ୍ରସାଦ ଯାଦବ, ଜନକ ଧ୍ରୁବ, ତାମ୍ରଧ୍ୱଜ ସାହୁ, ଜଗନ୍ନାଥ ପଟ୍ଟନାୟକ, ଶିଭକୁମାର ଦାହିୟା, ସୁରେଶ କୁମାର ରୌତରେ, ଶରତ ରାଉତ, ଗୁରୁ ରୁଦ୍ରକୁମାର, ସ୍ୱୟଭୂଷଣ ସାହୁ, ରାମଚନ୍ଦ୍ର ଖୁଣ୍ଟିଆ, ୱାଇ.ଏନ୍.ଏସ୍. ଲାଗୁରି, ଅଲକା ଲାମ୍ବା, ଉଦୟ ଭାନୁ ଛିବ, ବରୁଣ ଚୌଧୁରୀ, ମିନାକ୍ଷୀ ବହିନୀପତି, ଅରବିନ୍ଦ ଦାସ, ମନୋଜ ମିଶ୍ର ଓ ଅମିତା ବିଶ୍ୱାଳ ।ନୂଆପଡ଼ା ଉପନିର୍ବାଚନ ପାଇଁ ଆସିଲା ବିଜେଡିର ଷ୍ଟାର୍ ପ୍ରଚାରକ ତାଲିକା ଏହି ତାଲିକାରେ ୪୦ ଜଣଙ୍କ ନାଁ ସ୍ଥାନ ପାଇଛି ତାଲିକାରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସମେତ ବହୁ ବରିଷ୍ଠ ନେତା, ବିଧାୟକ, ଛାତ୍ର ଓ ଯୁବ ସଭାପତି ସାମିଲ ଅଛନ୍ତି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ସମେତ ୪୦ ଜଣିଆ। ପ୍ରଚାର ତାଲିକା ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ବରିଷ୍ଠ ଉପସଭାପତି ଦେବୀପ୍ରସାଦ ମିଶ୍ର, ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ନିରଂଜନ ପୂଜାରୀ, ଅରୁଣ କୁମାର ସାହୁ, ପ୍ରତାପ ଦେବ, ପ୍ରଣବ ପ୍ରକାଶ ଦାସଙ୍କ ସମେତ ୪୦ ଜଣ କରିବେ ପ୍ରଚାର । ସେହିପରି ଅତନୁ ସବ୍ୟସାଚୀ ନାୟକ, ପ୍ରତାପ ଜେନା, ସଂଜୟ କୁମାର ଦାସବର୍ମା, ଦିବ୍ୟଶଙ୍କର ମିଶ୍ର, କଳିକେଶ ନାରାୟଣ ସିଂହଦେଓ, ସାରଦା ନାୟକ,ପୁଷ୍ପେନ୍ଦ୍ର ସିଂହଦେଓ, ପ୍ରୀତିରଂଜନ ଘଡାଇ, ଟୁକୁନି ସାହୁ, ସୁଲତା ଦେଓ, ଲେଖାଶ୍ରୀ ସାମନ୍ତସିଂହାର, ସୁଦାମ ମାର୍ଣ୍ଡି, ଦେବେଶ ଆଚାର୍ଯ୍ୟ, ପ୍ରଦୀପ କୁମାର ଦିଶାରୀ, ସରୋଜ କୁମାର ମେହେର, ରୋହିତ ପୂଜାରୀ, ମୁନ୍ନା ଖାଁ, ବିକ୍ରମ ପଣ୍ଡା, ଭୃଗୁ ବକ୍ସିପାତ୍ର, ଯୋଗେଶ ସିଂହ, ନିରଂଜନ ବିଶି, ମନୋହର ରନ୍ଧାରୀ, ରମେଶ ମାଝୀ, ପ୍ରଦୀପ ମାଝୀ, ଅଧିରାଜ ପାଣିଗ୍ରାହୀ, ରୋମାଞ୍ଚ ରଂଜନ ବିଶ୍ୱାଳ, ସୁବାସିନୀ ଜେନା, ବର୍ଷା ସିଂହ ବରିହା, ଦୀପାଳି ଦାସ, ମନୋରମା ମହାନ୍ତି, ଚିନ୍ମୟ ସାହୁ ଓ ଇପ୍ସିତା ସାହୁ ଟିମରେ ସାମିଲ ଅଛନ୍ତି। ପିସିସି ସଭାପତି ଭକ୍ତ ଦାସ ନିଜେ ପ୍ରଚାରର ମଂଚ ଧରିଛନ୍ତି। ନାମାଙ୍କନ ସରିବା ପରେ ପ୍ରଚାର ମଇଦାନରେ ଆହୁରି ଜୋରଦାର ହେବ ଲଢ଼େଇ।

## କୋଟିଆରେ ଡିଜିଟାଲ କାର୍ଡ ବାଣ୍ଟିଲା ଆନ୍ଧ୍ର

ଭୁବନେଶ୍ୱର, ୧୭।୧୦(ମହାଭାରତ): ଆନ୍ଧ୍ରପ୍ରଦେଶର ଚାଲାକିକୁ ବୁଝିବାରେ ବାରମ୍ବାର ବିଫଳ ହେଉଛି ଓଡ଼ିଶା। କଳବଳ କୌଶଳେ କୋଟିଆର ନିରିହ ଲୋକଙ୍କୁ ନିଜର କରିବାକୁ ଉଦ୍ୟମ ଜାରି ରଖିଛି । ବିଭିନ୍ନ ସମୟରେ ଆନ୍ଧ୍ର ପ୍ରଶାସନ ଭିନ୍ନଭିନ୍ନ କାର୍ଯ୍ୟକ୍ରମ ଜରିଆରେ କୋଟିଆ ଗ୍ରାମପୁଞ୍ଜରେ ପଶୁଛି। ଏବେ ଡିଜିଟାଲ କାର୍ଡ ବାଣ୍ଟିବା ଭଳି ସଂଗୀନ ଅଭିଯୋଗ ଆସିଛି। ତଳ ଗଞ୍ଜେଇ ପଦର, ଉପର ଗଞ୍ଜେଇ ପଦରରେ ଡିଜିଟାଲ କାର୍ଡ ଯୋଗାଉଥିବା ଜାଣିବା ପରେ ଆଜି କୋଟିଆ। ଗସ୍ତ କରିଥିଲେ ରାଜ୍ୟ ସରକାରଙ୍କ ଅଧିକାରୀ ।



ଜଣେକି ୨ଜଣ ନୁହେଁ ଶହେରୁ ଅଧିକ କୋଟିଆ ବାସୀଙ୍କୁ ଆନ୍ଧ୍ର ଦେଇଛି ଡିଜିଟାଲ କାର୍ଡ। ସେଥିରେ ମିଳିବ ସବୁ ପ୍ରକାର ସୁବିଧା-ଚାଉଳ ଠାରୁ ତେଲ, ସାବୁନ, ଡାଲି ଓ ଅନ୍ୟାନ୍ୟ ସାମଗ୍ରୀ। ଓଡ଼ିଶାରେ ଏ ପର୍ଯ୍ୟନ୍ତ ଡିଜିଟାଲ କାର୍ଡ ମିଳିନଥିବାବେଳେ

କେବଳ ରାସନ କାର୍ଡରେ କେବଳ ଚାଉଳ ଛଡ଼ା ଆଉ କିଛି ମିଳୁନାହିଁ। ତେଣୁ ଆନ୍ଧ୍ର ମୁହଁ ହେଉଛନ୍ତି କୋଟିଆବାସୀ ତଳ ଗଞ୍ଜେଇ ପଦର, ଉପର ଗଞ୍ଜେଇ ପଦରରେ ଡିଜିଟାଲ କାର୍ଡ ଯୋଗାଉଥିବା ଜାଣିବା ପରେ ଆଜି କୋଟିଆ। ଗସ୍ତ କରିଥିଲେ ରାଜ୍ୟ ସରକାରଙ୍କ ଅଧିକାରୀ। ସେପଟେ କୋଟିଆରେ ପୁଲିସର ସହଯୋଗ ଠିକ୍ ଭାବେ ମିଳୁନାହିଁ। ଫଳରେ ଗଳା ବାଟ ଦେଇ କୋଟିଆରେ ଆନ୍ଧ୍ର ଅଧିକାରୀ ପ୍ରବେଶ କରୁଥିବା ଜଣାପଡ଼ିଛି। ଉଭୟ ରାଜ୍ୟରୁ ଲାଭ ପାଉଥିବାରୁ କୋଟିଆବାସୀ କୌଣସି କଥା ଜଣାଉନଥିବା କହିଛନ୍ତି ପଟାଙ୍ଗି ବିଡ଼ିଓ। ପୂର୍ବରୁ ଅନେକ ଥର ରାଜ୍ୟ ସରକାର କୋଟିଆବାସୀଙ୍କ ପାଇଁ ବଡ ବଡ ଯୋଜନା ଘୋଷଣା କରିଥିଲେ ହେଁ ଏହା କାର୍ଯ୍ୟକାରୀ ହୋଇନଥିବା ଅନୁମାନ କରାଯାଉଛି।

## ମଟନ ଡାଲମା

ଆବଶ୍ୟକ ସାମଗ୍ରୀ: ଖାସି ମାଂସ-୫୦୦ଗ୍ରାମ୍, ସିଝା ବୁଟ ଡାଲି-୩କପ୍, ରିଫାଇନ ତେଲ- ୪ଚାମଚ, ଅଦା, ରସୁଣ, ପିଆଜ ଓ ଟମାଟୋ ପେଷ୍ଟ-୪ଚାମଚ, ଲଙ୍କାଗୁଣ୍ଡ-୨ଚାମଚ, ହଳଦୀଗୁଣ୍ଡ-ଦେଢ଼ ଚାମଚ, ପିଆଜ -୨ଟି

ପ୍ରସ୍ତୁତି ପ୍ରଣାଳୀ: ଗ୍ୟାସ୍ ଲଗାଇ କଡେଇ ବସାନ୍ତୁ। କଡେଇରେ ୪ଚାମଚ ତେଲ ପକାଇବା। ତେଲ ଗରମ ହୋଇଗଲେ ପିଆଜକୁ କାଟି ପକାଇବେ । ପିଆଜ ହାଲକା ବାଦାମୀ ହୋଇଗଲେ ସେଥିରେ ବଟା ମସଲା ପକାଇବେ । ଏଥିରେ ଗୋଟେ ଚାମଚ ହଳଦୀଗୁଣ୍ଡ, ଲୁଣ ଗୋଟେ ଚାମଚ ପକାଇ ମସଲା କଷାଇବେ। ମାଂସ ଭଲ ଭାବରେ କଷି ହେବା ପରେ ମାଂସ ସିଝିବା ପାଇଁ ପାଣି ଓ ଆବଶ୍ୟକୀୟ ଲୁଣ ପକାଇ ଘୋଡେଇ ଦେବେ । ୪୫ ମିନିଟ୍ ପରେ ମାଂସ ସିଝିଯାଇଥିବ । ଏବେ ଢାଙ୍କୁଣୀ ଖୋଲି ଦେଖିବେ ମାଂସ ସିଝିଛି କି ନାହିଁ। ଯଦି ସିଝି ନଥିବ ତେବେ ମାଂସକୁ ଆଉ କିଛି ସମୟ ଘୋଡେଇ ଦେବେ। ମାଂସ ସିଝି ଗଲା ପରେ ଏଥିରେ ପୂର୍ବରୁ ସିଝେଇ ରଖିଥିବା ବୁଟ ଡାଲି,ଗରମ ମସଲା ଗୋଟେ ଛୋଟ ଚାମଚ ପକାଇବେ । ଏବେ ଏହାକୁ ଘୋଡେଇ ପାଞ୍ଚ ମିନିଟ୍ ପାଇଁ ଛାଡି ଦେବେ। ଏବେ ପ୍ରସ୍ତୁତ ହୋଇଗଲା ମଟନ୍ ଡାଲମା। ଏହାକୁ ଚକୁଳି ସହ ଖାଇ ଏହାର ମଜା ଉଠାଇପାରିବେ।



**ଖବର**

## ଦିବଙ୍ଗତ ଅଭିନେତାଙ୍କ ସ୍ମୃତିକୁ ମନେପକାଇଲେ ପୁନିତ







ଦିବଙ୍ଗତ ଅଭିନେତା ପଙ୍କଜ ଧୀରଙ୍କର ଅଗଷ୍ଟ ୧୫ ତାରିଖରେ ମୃତ୍ୟୁ ଘଟିଥିଲା । ତାଙ୍କୁ କ୍ୟାନସର ହେବାରୁ ଦେହାନ୍ତ ଘଟିଥିବା ଜଣାପଡିଛି । ମହାଭାରତ ତାଙ୍କୁ ଖୁବ୍ ପରିଚିତ କରିଥିଲା । ଅଭିନେତାଙ୍କ ହଠାତ ମୃତ୍ୟୁ ବଲିଉଡ ଏବଂ ଟେଲିଭିଜନ ଷ୍ଟାରମାନଙ୍କୁ ମର୍ମାହତ କରିଥିଲା । ମହାଭାରତରେ ତାଙ୍କ ସହ ହୋଇଥିବା ସହ-କଳାକାର ପୁନିତ ଇସାର ଶୋକ ପ୍ରକାଶ କରିବା ସହ ପୁରୁଣା ସ୍ମୃତି ସବୁକୁ ମନେପକାଇଛନ୍ତି । ଇସାର ଦୁର୍ଯ୍ୟୋଧନ ଭୂମିକାରେ ଅଭିନୟ କରିଥିଲାବେଳେ କର୍ଣ୍ଣ ଭୂମିକାରେ ଧୀର ଅଭିନୟ କରିଥିଲେ ।ଅଭିନେତା ପୁନିତ ଇସାର ଏକ ଇ□ରଭ୍ୟୁରେ କହିଛନ୍ତି ଯେ, ଧୀର ମହାଭାରତ ପରଦାରେ କେବଳ ଭାଇ ନଥିଲେ ବରଂ ପରଦା ବାହାରେ ମଧ ଭାଇ । ଆମର ବାପା ବନ୍ଧୁ ଥିଲେ । ଆମର ପରିବାର ପରସ୍ପରକୁ ବହୁତ ଦିନ ଧରି ଜାଣିଥିଲେ । ସେ ବର୍ଷ ବର୍ଷ ଧରି କର୍କଟ ରୋଗ ସହିତ ଲଢୁଥିଲେ । ସେ ଥରେ ସୁସ୍ଥ ହୋଇଥିଲେ। କିନ୍ତୁ ଦୁର୍ଭାଗ୍ୟବଶତଃ ଗତ ବର୍ଷ ଏହା ପୁଣି ଥରେ ଦେଖାଦେଲା ଏବଂ ତାଙ୍କୁ ଚିକିତ୍ସା କରିବାକୁ ପଡିଲା । ଆଜି ମୁଁ ମୋ ଭାଇକୁ ହରାଇଲି ।ଆହୁରି ମଧ୍ୟ ପୁନିତ କହିଛନ୍ତି ଯେ, ସେ ମୋତେ ପୁନିତୋସ୍ ଡାକୁଥିଲେ ଏବଂ ମୁଁ ତାଙ୍କୁ ପିଙ୍କ୍ସ ଡାକୁଥିଲି ।ଯଦି ପଙ୍କଜଙ୍କ କ୍ୟାରିଅର କଥା କୁହାଯାଏ ତେବେ ସେ ବଲିଉଡ ଏବଂ ଟିଭି ଜଗତର ଜଣାଶୁଣା । ମହାଭାରତ ବ୍ୟତୀତ ସେ ଚନ୍ଦ୍ରକାନ୍ତା, ଦି ଗ୍ରେଟ୍ ମରାଠା, ଯୁଗ ଏବଂ ବଢୋ ବହୁ ଭଳି ଧାରାବାହିକରେ ଅଭିନୟ କରିଛନ୍ତି । ଏହା ବ୍ୟତୀତ ସେ ସଡକ, ସୋଲଜର, ବାଦଶାହା ଏବଂ ଟାରଜାନ ଦ ୱଣ୍ଡର କାର୍ ଭଳି ଚଳଚ୍ଚିତ୍ରରେ ସହାୟକ ଭୂମିକାରେ ମଧ ଅଭିନୟ କରିଛନ୍ତି ।

## ଓଜନ କମ୍ କରେ ଉଷୁମ ପାଣି

ଆମ ଶରୀରର ପାଖାପାଖି ୭୦ ପ୍ରତିଶତ ଅଙ୍ଗପ୍ରତ୍ୟଙ୍ଗ ପାଣିରେ ହିଁ ତିଆରି ହୋଇଛି। ତେଣୁ ସ୍ୱାସ୍ଥ୍ୟ ପାଇଁ ପାଣି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ପ୍ରତ୍ୟେକ ବ୍ୟକ୍ତି ଦିନକୁ ଦୁଇରୁ ୩ ଲିଟର ପାଣି ପିଇବା ଉଚିତ। ତେବେ ଥଣ୍ଡା ଓ ଗରମ ପାଣି କେଉଁ ସମୟରେ ପିଇବା ଉଚିତ ଏହା ଜାଣି ରଖିବା ଆବଶ୍ୟକ। ଏକ୍ସରସାଇଜ୍ ପରେ ଗୋଟିଏ ଗ୍ଲାସ ଥଣ୍ଡା ପାଣି ପିଇଲେ ଶରୀର ଥଣ୍ଡା ହୋଇଥାଏ। ସେହିପରି ଉଷୁମ ପାଣି ଶରୀରରୁ ଟକ୍ସିନ୍ ବାହାର କରିବାରେ ସାହାଯ୍ୟ କରିଥାଏ। କେବଳ ଏତିକି ନୁହେଁ, ଉଷୁମ ପାଣି ପିଇଲେ ଖାଦ୍ୟ ହଜମ ହୋଇଥାଏ ଏବଂ ପାଚନ କ୍ରିୟା ଠିକ୍ ରହିଥାଏ। ଉଷୁମ ପାଣି ଓଜନ କମ୍ କରିବା ପାଇଁ ସାହାଯ୍ୟ କରିଥାଏ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତ ଅନୁସାରେ ଖାଇବା ପୂର୍ବରୁ ୫୦୦ ମିଲିଲିଟର ପାଣି ପିଇଲେ ଶରୀରରେ ୩୦ ପ୍ରତିଶତ ମେଟାବୋଲିଜିମର ବୃଦ୍ଧି ଘଟିଥାଏ। ଅଳ୍ପ ଉଷୁମ ପାଣି ପ୍ରତିଦିନ ପିଇଲେ ଓଜନ କମ୍ ହୋଇଥାଏ। ଆସନ୍ତୁ ଜାଣିବା ଉଷୁମ ପାଣି ପିଇଲେ ଅନ୍ୟ କ'ଣସବୁ ଲାଭ ମିଳିଥାଏ।

୧. ଉଷୁମ ପାଣି ପିଇବା ଦ୍ୱାରା ଶରୀରର ତାପମାତ୍ରା ପରିବର୍ତ୍ତନ ହୋଇଥାଏ। ଉଷୁମ ପାଣି ଶରୀରରେ ଥିବା ତାପମାତ୍ରାକୁ କମ୍ କରିଥାଏ ଓ ମେଟାବୋଲିଜିକୁ ସକ୍ରିୟ କରିଥାଏ।


୨. ଉଷୁମ ପାଣି ଶରୀରରେ ଫ୍ୟାଟ୍ ବ୍ରେକକୁ ଡାଉନ୍ କରି ଏହାକୁ ଅଣୁ ଭାବରେ ଶରୀରରେ ଜମା କରିଥାଏ। ଯାହାଦ୍ୱାରା ଆପଣଙ୍କ ଡାଇଜେଷ୍ଟିଭ୍ ସିଷ୍ଟମକୁ ଫ୍ୟାଟକୁ ବର୍ଣ୍ଣ କରିବା ସହଜ ହୋଇଥାଏ।

୩. ଖାଇବାର ୩୦ ମିନିଟ୍ ପୂର୍ବରୁ ଗୋଟିଏ ଗ୍ଲାସ ଉଷୁମ ପାଣି ପିଇଲେ ଆପଣଙ୍କୁ ଭୋକ କମ୍ କମ୍ ଲାଗିଥାଏ। ତେଣୁ ଅଧିକ କ୍ୟାଲୋରୀ ଶରୀରକୁ ଯାଇନଥାଏ।




## ବାୟବ୍ୟ ଦିଗର ଦିଗପାଳ ବାୟୁ ଦେବ

ଉତ୍ତର ଏବଂ ପଶ୍ଚିମ ଦିଗ ମଧ୍ୟରେ ବାୟବ୍ୟ ଦିଗର ସ୍ଥାନ । ଏହି ଦିଗର ଦେବତା ବାୟୁଦେବ । ଏହି ଦିଗରେ ବାୟୁ ତତ୍ତ୍ୱର ପ୍ରାଧାନ୍ୟତା ଦେଖିବାକୁ ମିଳିଥାଏ । ବାସ୍ତୁ ଅନୁଯାୟୀ ଏହି ଦିଶା ପଡ଼ୋଶୀ, ମିତ୍ର ଏବଂ ସମ୍ପର୍କୀୟଙ୍କ ସହିତ ଆପଣଙ୍କ ସମ୍ପର୍କକୁ ପ୍ରଭାବିତ କରିଥାଏ । ବାସ୍ତୁ ଅନୁଯାୟୀ ଏହି ଦିଗରେ ଭଲ ଏବଂ ସଦୁପଯୋଗୀ ସମ୍ବନ୍ଧ ନିର୍ମାଣ କରାଯିବା ସମ୍ଭବ । ଏହି ଦିଗରେ କୌଣସି ପ୍ରକାରର ବାଧା ରହିବା ଅନୁଚିତ୍ । ଏହି ଦିଗକୁ ସଜାଇ ରଖନ୍ତୁ, ହାଲୁକା ରଖନ୍ତୁ । ଏହି ଦିଗରେ ଝରକା, ଦ୍ୱାର, ଘଣ୍ଟି, ଜଳ ଫୁଆରା, ଗଛଲତା ଆଦି ଲଗାଇ ସୁନ୍ଦର ଭାବେ ସଜାନ୍ତୁ।



## ପୂଜାପାଠ ଓ ମନ୍ତ୍ର ଜପ କରିବା ସମୟରେ ରେଶମ ଆସନର ପ୍ରୟୋଗ କରିବା ଶୁଭ






ଶାସ୍ତ୍ର ଅନୁଯାୟୀ ପୂଜାପାଠ ଓ ମନ୍ତ୍ର ଜପ କରିବା ସମୟରେ ସର୍ବଦା ଆସନର ପ୍ରୟୋଗ କରିବା ଉଚିତ। ଆସନ ବିନା ଭୂମିରେ ପୂଜାପାଠ କରିବା ଦ୍ୱାରା ଦୁଃଖ ପ୍ରାପ୍ତି ହୋଇଥାଏ। ଧାର୍ମିକ କାର୍ଯ୍ୟ ପୂଜାପାଠ, ଯଜ୍ଞ, ପ୍ରାର୍ଥନା ଆଦି କରିବା ସମୟରେ ଆସନର ପ୍ରୟୋଗ କରାଯାଇଥାଏ। ପୂଜାପାଠ ମନ୍ଦିରରେ ହେଉ ଅଥବା ଗୃହରେ ବସିବା ଅବସ୍ଥାରେ ପୂଜା କରିବା ସମୟରେ ଆମକୁ ଆସନର ବ୍ୟବହାର କରିବାକୁ ପଡ଼େ। ଶାସ୍ତ୍ରରେ ଏପରି କରିବାର କାରଣ ବିଷୟରେ ମଧ ବର୍ଣ୍ଣନା କରାଯାଇଛି। ପ୍ରତିଦିନ ପୂଜା କରିବା ସମୟରେ କିଭଳି ଆସନ ବ୍ୟବହାର କରିବା ଉଚିତ, ତାହା ମଧ ଜାଣିବା ଆବଶ୍ୟକ। ପୂଜାପାଠ ଓ ମନ୍ତ୍ର ଜପ କରିବା ସମୟରେ ସର୍ବଦା ରେଶମ ଓ ତାଳପତ୍ରରେ ପ୍ରସ୍ତୁତ ଆସନର ପ୍ରୟୋଗ କରିବା ଖୁବ ଶୁଭ ବୋଲି ଶାସ୍ତ୍ରରେ ମାନ୍ୟତା ରହିଛି। ଏପରି କରିବା ଦ୍ୱାରା ଭଗବାନଙ୍କ ଆଶୀର୍ବାଦ, ଜୀବନରେ ସୁଖଶାନ୍ତି ପ୍ରାପ୍ତି ହେବା ସହ ବାଧାବିଘ୍ନ ଦୂର ହୋଇଥାଏ। ସେଭଳି ବାଉଁଶରେ ନିର୍ମିତ ଆସନରେ ବସି ପୂଜାପାଠ କିମ୍ବା ମନ୍ତ୍ର ଜପ କରିବା ଉଚିତ ନୁହେଁ। ଏପରି କରିବା ଦ୍ୱାରା ଦରିଦ୍ରତା ଆସିଥାଏ।

ପଥର କିମ୍ବା ଇଟାରେ ବସି ପୂଜାର୍ଚ୍ଚନା ଓ ମନ୍ତ୍ର ଜପ କରିବା ଦ୍ୱାରା ରୋଗ ଲାଗି ରହିଥାଏ।

କାଠରେ ନିର୍ମିତ ଆସନ ପ୍ରୟୋଗ କରିବା ଦ୍ୱାରା ଦୁର୍ଭାଗ୍ୟ ପ୍ରାପ୍ତି ହୋଇଥାଏ।

ଘାସର ଆସନରେ ପୂଜାର୍ଚ୍ଚନା କରିବା ଦ୍ୱାରା ଯଶ କିର୍ତି ନଷ୍ଟ ହୋଇଥାଏ।

ପତ୍ରରେ ପ୍ରସ୍ତୁତ ଆସନରେ ପୂଜା ଓ ପ୍ରାର୍ଥନା କରିବା ଦ୍ୱାରା ମନ ବ୍ୟସ୍ତ ରହିଥାଏୟ



## ସୁନ୍ଦର ତ୍ୱଚର ରହସ୍ୟ ଡାଳିମ୍ବ ଚୋପା,ବାଦାମ

ଫଳ ଖାଇବା ତ୍ୱଚ ପାଇଁ ଖୁବ ହିତକାରକ ବୋଲି ଶୁଣିଥିବେ। ବିଭିନ୍ନ ଫଳ ମଧ୍ୟରୁ ଡ଼ାଳିମ୍ବ ସ୍ୱାସ୍ଥ୍ୟ ପାଇଁ ଖୁବ ଉପକାରୀ। ଏହାକୁ ଖାଇବା ପରେ ଆମେ ସାଧାରଣତଃ ଏହାର ଚୋପାକୁ ପକାଇ ଦେଇଥାଉ। ମାତ୍ର ଏହି ଚୋପା ତ୍ୱଚର ସୁନ୍ଦରତାକୁ ଯେ ଦ୍ୱିଗୁଣିତ କରି ଦିଏ, ତାହା ହୁଏତ ଆପଣ ଜାଣି ନଥିବେ। ଜାଣନ୍ତୁ ଏହା ବିଷୟରେ...





ଡ଼ାଳିମ୍ବ ଚୋପାର ମାସ୍କ ଲଗାଇବା ଦ୍ୱାରା ମୁହଁର ବ୍ରଣ ସମସ୍ୟା ମଧ ଦୂର ହୋଇଥାଏ। ମୁହଁକୁ ସୁନ୍ଦର ଓ ଉଜ୍ଜ୍ୱଳ କରିଥାଏ।

ଡ଼ାଳିମ୍ବର ଚୋପାରେ ବହୁ ଆଣ୍ଟି-ଅକ୍ସିଡ଼ାଣ୍ଟ ଗୁଣ ଭରପୁର ମାତ୍ରାରେ ରହିଛି। ଏହାର ଚୋପାର ଫେସ ପ୍ୟାକ୍ ଲଗାଇବା ଦ୍ୱାରା ତ୍ୱଚକୁ ବିଭିନ୍ନ ପ୍ରକାର ସଂକ୍ରମଣରୁ ରକ୍ଷା କରିପାରିବା। ଏହି ଫେସ ପ୍ୟାକ ପ୍ରସ୍ତୁତ କରିବା ପାଇଁ ଡ଼ାଳିମ୍ବର ଚୋପାକୁ ଶୁଖାଇ ଏହାର ଗୁଣ୍ଡ ପ୍ରସ୍ତୁତ କରନ୍ତୁ। ଏହି ଗୁଣ୍ଡରେ ଗୋଲାପ ଜଳ ମିଶାଇ ମୁହଁରେ ଲଗାନ୍ତୁ।

ତ୍ୱଚରେ ଥିବା ବିଭିନ୍ନ ଦାଗକୁ ଦୂର କରିବା ପାଇଁ ଡାଳିମ୍ବର ମଞ୍ଜିକୁ ଭଲ ଭାବେ ପେଷି ଦିଅନ୍ତୁ। ପେଷିବା ପରେ ଏଥିରେ ଦହି ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହି ପେଷ୍ଟକୁ ମୁହଁରେ ଲଗାଇ ଶୁଖିବା ଯାଏଁ ଛାଡ଼ି ଦିଅନ୍ତୁ। ଶୁଖିବା ପରେ ମୁହଁକୁ ଧୋଇ ଦିଅନ୍ତୁ।

ତିନୋଟି ବାଦାମ କ୍ଷୀରରେ ପକାଇ ଭିଜେଇ ଦିଅନ୍ତୁ। ବାଦାମ ଫୁଲି ଗଲା ପରେ ତାକୁ ଭଲ ଭାବରେ ପେଶି ରାତିରେ ଶୋଇବା ପୂର୍ବରୁ ମୁହଁରେ ଲଗାନ୍ତୁ। ସକାଳେ ଉଠି ମୁହଁ ଧୋଇ ଦିଅନ୍ତୁ। ଏପରି କରିବା ଦ୍ୱାରା ତ୍ୱଚର ଚମକ ବଜାୟ ରହିଥାଏ।



ମହାଭାରତ

# ସାରାଂଶ

ଚଳନ୍ତି ସମୟର ଅବଶିଷ୍ଟାଂଶ





## ଆତ୍ମହତ୍ୟା ପ୍ରବଣତା

ମଣିଷ ଯେତେବେଳେ ନିଜ ଉପରୁ ଆସ୍ଥା ହରାଇବା ସହ ଅସହାୟ ହୋଇପଡିଥାଏ, ସେତେବେଳେ ଜୀବନର ସମସ୍ତ ମୋହ, ମାୟାକୁ ଏଡାଇ ଚରମ ନିଷ୍ପତି ସ୍ୱରୁପ ଆତ୍ମହତ୍ୟା କରିଥାଏ, ବୋଧହୁଏ ଏଥିରେ କେହି ଦ୍ୱିମତ ହୋଇନପାରନ୍ତି। ନିକଟରେ ମଧ୍ୟପ୍ରଦେଶର ଜଣେ ଛାତ୍ର ମର୍ଯ୍ୟଦାଜନକ 'ନିଟ୍' ପରୀକ୍ଷାରେ ସର୍ବୋଚ୍ଚ ୯୯.୩୯ ପ୍ରତିଶତ ମାର୍କ ରଖି ଡାକ୍ତରୀ ଶିକ୍ଷା ପାଇଁ ମନୋନୀତ ହୋଇଥିବା ସତ୍ତ୍ୱେ ଡାକ୍ତରୀ ନପଢିବା ପାଇଁ ଶେଷରେ ଜୀବନ ହାରିବା ନିଜ ଅସହାୟତାର ସୂଚନା ଦିଏ। ସେହିପରି ଆମ ଦେଶରେ ଛାତ୍ର ଆତ୍ମହତ୍ୟା ଘଟଣା ମଧ୍ୟ କିଛି କମ୍ ନୁହେଁ। ବିଦ୍ୟାନଗରୀ କୋର୍ଟାରେ ଉଚ୍ଚଶିକ୍ଷା ପାଇଁ କୋଚିଂ ନେଉଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ଏବେ ଚିନ୍ତାଜନକ ସ୍ଥିତିରେ ପହଁଚିଥିବାବେଳେ ଦେଶରେ ମର୍ଯ୍ୟଦା ସମ୍ପନ୍ନ ଉଚ୍ଚ ବୈଷୟିକ ଶିକ୍ଷାନୁଷ୍ଠାନ ଆଇଆଇଟି, ଆଇଆଇଏମ, ଡାକ୍ତରୀ ଆଦିରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା କେବଳ ଅଭିଭାବକ ନୁହେଁ, ସମାଜକୁ ଆନ୍ଦୋଳିତ କରୁଛି। କୋର୍ଟାରେ ଗତ ୧୦ମାସ ମଧ୍ୟରେ ୧୮ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଥିବା ରିପୋର୍ଟ ପ୍ରକାଶ ଉଚ୍ଚ ବୈଷୟିକ ଶିକ୍ଷାନୁଷ୍ଠାନରେ ମଧ୍ୟ ଆତ୍ମହତ୍ୟା ହାର କିଛି କମ ନୁହେଁ। ସେହିପରି ପାରିବାରିକ ସମସ୍ୟା, ସ୍ୱାସ୍ଥ୍ୟଗତ ଅସୁସ୍ଥତା ଏବଂ ଋଣ ଭାର ଆଦି ଭାରତରେ ଆତ୍ମହତ୍ୟା ବୃଦ୍ଧି ପଛରେ ତିନୋଟି ପ୍ରମୁଖ କାରଣ ଭାବେ ଉଭା ହୋଇଛି। ତେବେ ଦେଶରେ ଆତ୍ମହତ୍ୟା ହାର ବୃଦ୍ଧି ନେଇ ଜାତୀୟ କ୍ରାଇମ ରେକର୍ଡ ବ୍ୟୁରୋ(ଏନସିଆରବି) ପକ୍ଷରୁ ପ୍ରକାଶିତ ୨୦୨୩ରେ ରିପୋର୍ଟରେ ଯେଉଁ ତଥ୍ୟ ପ୍ରକାଶ ପାଇଛି ତାହା ଅତ୍ୟନ୍ତ ଉଦ୍‌ବେଗଜନକ। ରିପୋର୍ଟରେ କୁହାଯାଇଛି ଯେ, ୨୦୨୩ରେ ଦେଶରେ ପ୍ରତି ୧,୦୦,୦୦୦ରେ ଆତ୍ମହତ୍ୟା ହାର ୧୨.୧୩ ପ୍ରତିଶତ ଥିଲା। ଯାହାକି ୧୯୬୬ ପରଠାରୁ ଦ୍ୱିତୀୟ ସର୍ବାଧିକ। କହିବା ବାହୁଲ୍ୟ ଯେ, ୨୦୨୨ରେ ଦେଶରେ ଆତ୍ମହତ୍ୟା ହାର ସର୍ବୋଚ୍ଚ ୧୨.୪ ପ୍ରତିଶତ ରହିଥିଲା। ଉଲ୍ଲେଖଯୋଗ୍ୟ ଯେ, ମହାମାରୀ କୋରୋନା ପରବର୍ତୀ ସମୟରେ ଦେଶରେ ବୃଦ୍ଧି ପାଇଥିବା ଆତ୍ମହତ୍ୟା ପ୍ରବଣତା ୨୦୨୩ରେ କମି ନଥିଲା। ବିଶେଷ କରି ମାନସିକ ଯନ୍ତ୍ରଣା ସହ ଅନ୍ୟାନ୍ୟ ଯନ୍ତ୍ରଣା ଆତ୍ମହତ୍ୟା ପ୍ରବଣତା ବୃଦ୍ଧି କରିଥିବା କୁହାଯାଏ। ରିପୋର୍ଟରେ କୁହାଯାଇଛି ଯେ, ଋଣବୋଝ ତୁଳନାରେ ଦେଶରେ ଶାରୀରିକ ଅସୁସ୍ଥତା,. ମାନସିକ ଯନ୍ତ୍ରଣାଜନିତ ଆତ୍ମହତ୍ୟା ହାର ଅଧିକ। ସେହିପରି ଏହା ତୁଳନାରେ ପାରିବାରିକ ସମସ୍ୟାଜନିତ ଆତ୍ମହତ୍ୟା ପ୍ରବଣ ହାର ମଧ୍ୟ କମ୍। ସେହିପରି ଦିନ ମଜୁରିଆ ଏବଂ ଗୃହିଣୀ ଏହି ଦୁଇ ପେଷାଦାର ଗୋଷ୍ଠୀର ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ଅଧିକ ରହିଛି। ଏପରିକି ଆତ୍ମହତ୍ୟା କରିଥିବା ବ୍ୟକ୍ତିଙ୍କ ମଧ୍ୟରେ ଦୁଇତୃତୀୟାଂଶରୁ ଅଧିକ ଅଛନ୍ତି, ଯେଉଁମାନେ କି କଲେଜ ଯାଇନାହାଁନ୍ତି। ଏହା ନିସନ୍ଦେହ ଯେ, ଭାରତ ପରି ଏକ ସ୍ୱଳ୍ପ ଆୟକାରୀ ରାଷ୍ଟ୍ରରେ କିଶୋର କିଶୋରୀଙ୍କ ଠାରୁ ଆରମ୍ଭ କରି ଯୁବକ, ବରିଷ୍ଠଙ୍କ ମଧ୍ୟରେ ଆତ୍ମହତ୍ୟା ପ୍ରବଣତା ଗତ କିଛି ବର୍ଷ ହେଲା ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଏ। ଜଳବାୟୁ ପରିବର୍ତନ ମଧ୍ୟ କୃଷକଙ୍କ ମଧ୍ୟରେ ଆତ୍ମହତ୍ୟା ମାନସିକତା ବୃଦ୍ଧିର କାରଣ ହୋଇଛି। ବିଶେଷ ଅନିୟମିତ ମୌସୁମୀ ବର୍ଷା (ଅତିବୃଷ୍ଟି ଓ ଅନାବୃଷ୍ଟି) ଯୋଗୁଁ ବ୍ୟାପକ ଫସଲହାନୀ ଓ ଋଣ ପରିଶୋଧ କରିବାର ଅସାମର୍ଥ୍ୟତତା କୃଷକଙ୍କ ଆତ୍ମହତ୍ୟାର କାରଣ ହୋଇଛି। ଏବେ କିଛି ବର୍ଷ ହେଲା ଆତ୍ମହତ୍ୟା ହ୍ରାସ ପାଇଥିବାବେଳ ଗତ ଏକ ଦଶନ୍ଧି ପୂର୍ବେ ଦେଶରେ ଅତି ଉଦ୍‌ବେଗଜନକ ପର୍ଯ୍ୟାୟରେ ପହଁଚିଥିଲା। ଏଥିରେ ଦ୍ୱିମତ ନାହିଁ ଯେ, ଭାରତ ପରି ଏକ ବିକାଶମୁଖୀ ରାଷ୍ଟ୍ରରେ ଆତ୍ମହତ୍ୟା ପ୍ରବଣତାକୁ ନିୟନ୍ତ୍ରଣ କରିବା ପାଇଁ ରାଷ୍ଟ୍ରକୁ ଚିନ୍ତା କରିବାକୁ ହେବ। ଏଥିପାଇଁ ବ୍ୟାପକ କାଉନସିଲିଂର ଆବଶ୍ୟକତା ରହିଛି। ଦେଶରେ ପ୍ରତି ୧,୦୦,୦୦୦ରେ ଏବେ ଜଣେ ମାନସିକ ବ୍ୟାଧି ଚିକିତ୍ସକ ସୁପାରିଶ କରିଛି। ଆହୁରି ମଧ୍ୟ ଲୋକଙ୍କ ଆର୍ଥୀକ ଦୁରାବସ୍ଥାର ନିରାକରଣ ପାଇଁ ନୀତି ପ୍ରଣୟନକାରୀ ଅଗ୍ରାଧିକାର ଦେବା ସହ ଏକ ସୁରକ୍ଷିତ ସମାଜ ଗଠନ ସରକାରଙ୍କ ଧ୍ୟେୟ ହେଉ। ଏହା ହିଁ ଆଶା କରିବା।

# ଆମର ଗାଁ ଚଳଣିରେ ମୋ ପିଲା ଦିନ

## ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଆମ ଗାଁର ନାମ ତରଡ଼ାପଡ଼ା ଏହାର ଇତିହାସ ଅଛି, ମାତ୍ର ତାହା ଏପରି ଲିପିବଦ୍ଧ ଭାବରେ କେବେ ଲୋକଲୋଚନ ଆସିନାହିଁ। ଅନେକ ସାହି ବସ୍ତିରେ ଆମ ଗାଁର ସ୍ଥିତି ରହିଛି, ସାହି ବସ୍ତି ସବୁ ଗାଁରେ ଅଛି ଏଠାରେ ବିଶେଷତ୍ୱ ହେଲା ଯେମିତି ଏକ ବିଶେଷ ଆଦେଶରେ ଏହାର ସ୍ଥିତି ରହିଛି। କାରଣ ସାହିରେ ଚଣ୍ଡୀ ସାହି, ହରିଚନ୍ଦନ ସାହି, ପଟ୍ଟନାୟକ ସାହି, ଚଣ୍ଡୀ ସାହିରୁ ହରିଚନ୍ଦନ ସାହି ଏକ ସରଳ ରେଖାରେ ନିର୍ମାଣ ରହିଥିବା ବାସସ୍ଥାନ ଥିଲା। ଏହା ଦକ୍ଷିଣା ମୁହଁ ଦାଣ୍ଡିର ସବୁଘର ଏହାର ଦିଗପରିବର୍ତ୍ତନ ନୃସିଂହନାଥ ବିଜେସ୍ଥଳୀ ଠାକୁର ଦାଣ୍ଡ ପ୍ରାଙ୍ଗଣରୁ ଏକ ଲମ୍ବା ପଥ ଦକ୍ଷିଣଗାମୀ ଏହା ଯେଉଁଠି ପଶ୍ଚିମ ମୋଡ଼ରେ ଘୁରୁଛି ସେଠାରେ ପ୍ରଖ୍ୟାତ ବାଳକୃଷ୍ଣବାବୁ ପ୍ରାପ୍ତନ ଅଭିଜାତ୍ୟ ବଗିଚା ମଧ୍ୟରେ ବାସ ସ୍ଥାନ, ସେଠାରୁ ପଶ୍ଚିମକୁ ଲମ୍ବିବା ରାସ୍ତାଟି ଠାକୁର ପୋଖରୀର ଦକ୍ଷିଣ ତରଫ ବନ୍ଧ ଦେଇ ପଟ୍ଟନାୟକ ସାହି, ପୁଣି ସେଠାରୁ ରାସ୍ତାଟି ଦକ୍ଷିଣକୁ ବହୁତ ଲମ୍ବି ଉମା ପୋଖରୀର ପୂର୍ବ ପଦଟ ଦେଇ ମହାକାଳ ଗୋରଡ଼ା ଯାଏ ଓ ଉମାପୋଖରୀ ଦକ୍ଷିଣ ତରଫରୁ ଏକ ରାସ୍ତା ପଶ୍ଚିମ ହୋଇ ରାଜପଥ ଜଗତସିଂହାପୁରରୁ ଜଇପୁର ରାସ୍ତାକୁକାଟି ମଲ୍ଲିକ ସାହି ଦେଇ ତାଲି ପୋଖରୀ ଗୋପାଳ ସାହି ସମ୍ବନ୍ଧ କରିଛି। ଏହାପରେ ଗୋପାଳ ସାହିରୁ ପୁଣି ତାଲିପୋଖରୀ ପୂର୍ବ ଦେଇ ଲହଙ୍ଗା ବସନ୍ତପୁର ଓ ବିଲସାହି ଯାଇଛି ଗାଁ ମଧ୍ୟରେ ଖଞ୍ଜା ହୋଇଅଛି ବ୍ରାହ୍ମଣ ସାହି, କମାରସାହି, ଚମାରସାହି, ଧୋବା ସାହି, ବୁଣା ସାହି ତନ୍ତୀ ସାହି, ପାଣି ସାହି, ବଢ଼େଇ ସାହି, ତେଲି ସାହି, ପାଟରା ସାହି, ଭଣ୍ଡାରୀ ସାହି, କୁମ୍ଭାର ସାହି, ବାଉରୀ ସାହି। ଏ ଗାଁ ଏକଦା ସ୍ୱାବଲମ୍ବୀ ଥିଲା ଗ୍ରାମର ବ୍ୟକ୍ତି ବିଶେଷଙ୍କ ଧନ ଜୀବନ ଭୂସମ୍ପତ୍ତି କୃଷି କୃଷିଜାତ ଦ୍ରବ୍ୟ ଉପରେ ଅତୀତରେ ଅନେକ ପ୍ରକାର କଷ୍ଟ ଆସିଥିବ, ଧର୍ମ ଭାବ ଉପରେ ଆସିଥିବ, କାରଣ ଦୁଇଟି ମୁସଲିମ ବସ୍ତି ଗ୍ରାମର ଉତ୍ତର ଓ ଦକ୍ଷିଣରେ ଅଛି। ଏ ପାଇଁ ଅସ୍ତ୍ରଧାରୀ ଓ ସବଳ ସଜାଗ ଯୁବଶକ୍ତି ସବୁ ସାହିରେ ଆବଶ୍ୟକ ରହୁଥିଲା। ଗ୍ରାମର ମାମଲା ଗ୍ରାମରେ ହିଁ ରଫା ହେଉଥିଲା। ସବୁ ପାଟକଙ୍କ ଜାତି ସଭା ଥିଲା ହିଡମାଟି ହିଡ଼ରେ ଲଦି ଲୋକେ ଅତି ଖୁସିରେ ଥିଲେ କିନ୍ତୁ ଆଜିଦିନରେ ଗାଁ ଖାଲି ଖାଲି ଲାଗୁଛି, ଚାଷ ପଛକୁ ଗଲାଣି ଜମି ସଂଖ୍ୟା ଲଘୁ ମାନେ କିଣିନେବା କରିବା ଦେଖାଗଲାଣି। ଧାନ ବିଲରେ କୋଠା ସବୁ ବାହାର ଗାଁ ଲୋକ କରିବା ଦେଖାଗଲାଣି। ଗାଁରେ ବଜାର ନର୍ସିଙ୍ଗହୋମ ଡାକ୍ତରଖାନା ହୋଟେଲ ହେଲାଣି ସବାରୀ ପାନିକି ଐତିହ୍ୟ ଗାଁରେ ମାଳ ମାଳ ଯନ୍ତ୍ର ଯାନ, ବଳଦ, ହଳ ନାହିଁ, ଟ୍ରାକ୍ଟରରେ ଚାଷ ଯୁବକମାନେ ନିଶା ଆକୃଷ୍ଟ ନିଜ ନିଜ ମଧ୍ୟରେ ଭାଇଚାରା ନାହିଁ। କିଥିଲା, କିହେଲା, ଭାବିଲେ ଆଶ୍ଚର୍ଯ୍ୟ ଲାଗୁଛି।

ପୋଖରୀ, ଯାହା ଜଳଭଣ୍ଡାର, ଏହା ମନୁଷ୍ୟ ମାନଙ୍କର କେବଳ ନୁହେଁ ପଶୁପକ୍ଷୀ, ବୃକ୍ଷଲତା ସମସ୍ତଙ୍କର ଦରକାରୀ ଏପରିକି ପାଖ ଭୂମିକୁ ଥଣ୍ଡା ରଖେ ଉଦବାଇ ଗ୍ୟାକୁ ଶୋଷି ଗ୍ୟାର କାରଣ କରେ, ମାଟିତଳ ଜଳ ସ୍ତରରେ ସମତା ରକ୍ଷା କରିଥାଏ ସ୍ଥାନୀୟ ପ୍ରକୃତିର ବିଶେଷ ଅଙ୍ଗ ଭାବରେ ପୋଖରୀର ଜଳଭଣ୍ଡାର ତତ୍କାଳ ବିଶେଷ କର୍ମ ମୁଖର ଥିଲା। ମାଟି ସଛିଦ୍ର ଶୋଷଣ ଗୁଣ ବିଶିଷ୍ଟ ବର୍ଷା କାଳର ଜଳସ୍ତରରୁ ପୁଷ୍କରିଣୀ ତୀର ଓ ଗର୍ଭ ନିର୍ଣ୍ଣୟ ଧାରା ଶାସ୍ତ୍ରରେ ଅଛି, କାଳକ୍ରମେ ଜଳରେ ଫୁଲ ଓ ପାଣି ଫଳ ସିଙ୍ଗଡ଼ା ମନୁଷ୍ୟର ଚାଷ ଚିନ୍ତା ପଶିଲା, ଆର୍ୟୁବେଦିକ ଔଷଧ ଏହି ମିଠା ପାଣିରେ ହେଉ ଥିବା ଜଳର ଉଦ୍ଭିଦରେ ସଂଗ୍ରହ କରାଗଲା। ଜଳରେ ମାଛ ଚାଷ ହେଲା ଗେଣ୍ଡା ସାମୁକା ଆବଶ୍ୟକ ହେଲା ଏମିତି ହେଲା ପୋଖରୀ ବ୍ୟବସାୟର କ୍ଷେତ୍ର ଏଥିରୁ ଲୋକେ ପ୍ରକୃତ ଜଳ ପୁଣ୍ୟ ଦିଗରୁ ଦୂରେଇ ଗଲେ ଜଳ ଦାନ ଏକ ବିଶେଷ ଦାନ, ପ୍ରତିପୋଖରୀ ଘାଟ ଏକ ଦେବ ଉପାସନାର ସ୍ଥଳୀ, ଭଗବାନ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଲୋକେ ସ୍ନାନ ବେଳେ ଦିଅନ୍ତି ପିତୃପୁରୁଷଙ୍କୁ ଅର୍ଘ୍ୟ ଆଞ୍ଜୁଳି ଦିଅନ୍ତି ଯେ ଏହି ପୋଖରୀ ଖାଳାଇଥାନ୍ତି, ଏସବୁ ଅର୍ଘ୍ୟ ଦାନରେ ପ୍ରାପ୍ୟ ପୁଣ୍ୟରେ ଭାଗିଦାର ହୁଅନ୍ତି। ଖରାଦିନେ ପୂର୍ବେ ନଡ଼ାଛପର ଘରେ ନିଆଁ ଲାଗିଲେ ଏହି ପାଖ ପୋଖରୀର ଜଳ ହିଁ ଭରସା ଥିଲା। ମାଟି ଏକ ବିଶେଷ ବିଶୋଧକ ଏକ ପୋଖରୀ ତମାମ ପାଣିରେ ପନି ରୋଗ ଜୀବାଣୁ ଭୂତାଣୁ ଶେଷ କରେ, ବର୍ତ୍ତମାନ ସମସ୍ତେ ଗାଧୁଆ ଘରେ ଗାଧୋଇଲେଣି ଯାହା ଟେକାପାଣି ଶରୀରରେ ଜଳ ଢ଼ାଳି ହୋଇ ତାହା ଅଦରକାରୀ ହୋଇ ଯାଉଛି, ଏବେ ବିଭିନ୍ନ ସହରରେ ଟାଙ୍କିକୁ ଯୋଗାଲ ଜଳ ପାଇଁ ମିଟର ଲାଗିବା ଦେଖାଗଲାଣି। ଜଳ ଟିକସ ଆସ୍ତେ ଆସ୍ତେ ନିଶ୍ଚୟ ବୋଝ ପଡ଼ିବ ଯଦି ଏହି ପୋଖରୀ ବ୍ୟବସ୍ଥା କରାଯିବ ତେବେ କେବେ ଅର୍ଥ ବୋଝ ବଢ଼ନ୍ତା ନାହିଁ ଏମିତି ଅନେକ ରୋଗ ମନକୁ ମନ କମି ଯାଆନ୍ତା ପୋଖରୀ ଜଳରେ ବୁଡ଼ି ଗାଧୋଇଲେ ଦେହରେ ଅନେକ ପିତ୍ତ ବିକାର ଠିକ ହୋଇଯାଆନ୍ତା। ଏକ ସାଇର ଜଳ ଘାଟ ସ୍ନାନ ନାରୀ ନାରୀ ମଧ୍ୟ ଅନେକ ଭାବ ସାମ୍ୟ ଆଣନ୍ତା ମାନିବୃତ୍ତ ବଢ଼ନ୍ତତା। ଟେଣ୍ଡା ଯନ୍ତ୍ର, ସେଣା, ଏବେ ଦୁର୍ଲଭ ଯାହା ଅନେକ ଫସଲ ଆଉ ଗ୍ରାମ ଓଡ଼ିଶାରେ ହେଉନାହିଁ। ଧର୍ମଶାସ୍ତ୍ରର ଧାରା ଆସ୍ତେ ଆସ୍ତେ ପୋଛି ହୋଇ ଯାଉଛି।

ଦଶହରା ଆସିଲା, ଖଣ୍ଡା, ଲେଖନକୁ ପଜାଇବା ସମୟ ଆସିଲା, ପରମ୍ପରା, ମନେ ପଡ଼େ ମୋର ପିଲା ଦିନର କଥା, ଆମ ଗ୍ରାମରେ କମାର ଦୁଇଘର ପ୍ରକୃତରେ ମୂଳତଃ ଏକ ପରିବାର ଏକଦା ଥିଲେ ପଙ୍କଜ ଓଝାଙ୍କ ସନ୍ତାନ ମାଗୁ ଓ ଧଡ଼ି ଏଥିରେ କେବଳ ଲୁହାରେ କାମ କରି ବଂଶ ଗତ କୌଳିକ ବୃତ୍ତିରେ ବେଶୀ ସମୟ, ମାଗୁ ଓଝା ହିଁ ଲାଗି ରହୁଥିଲେ। କମାରଶାଳ ଏକ ପ୍ରାଚୀନ ଶିଳ୍ପ କାର୍ଯ୍ୟାଳୟ, ଏଥିପାଇଁ ଲେହି, ହାତୁଡ଼ି, ବହତୁ ସଂଢୁଆସି ଚେଣି, ବିନ୍ଧିଣି ଦରକାର। ଏହା ସହ ଭାତି ଆବଶ୍ୟକ, ଭାତି ସେତେବେଳେ ବର୍ତ୍ତମାନ ପରି ବିଦ୍ୟୁତ ଚାଳିତ ନଥିଲା ଏକ ଚାମଡ଼ାମୁଣାର ଭାତି ଯାହା ସେତେବେଳେ ମୁର୍ଗୀହଟା କଲିକତାରେ ମିଳୁଥିଲା ଲୁହା ଲେହି ଯାହା ରେଳଲାଇନରେ ବ୍ୟବହାର ତାର କିଛି ଅଂଶ ଏହାବି ସେହି କଲିକତାରେ ମିଳୁଥିଲା। ଶାଣ ଉହା ଏବି ସେଇ କଲିକତାର ଦ୍ରବ୍ୟ, ଏସବୁ ଯୋଗାଡ଼କାରୀ ଶାଳକାମ ମାଗୁ ଓଝା ଚଳାଉଥିଲେ, ଏଇ ଦଶହରାରେ ଖଣ୍ଡା ଲେପନ କରଣଙ୍କର ଓ କେବଳ ଖଣ୍ଡା ଖଣ୍ଡାୟତଙ୍କର ଏସବୁ ଗ୍ରାମର ଓ ଗ୍ରାମ ପାଖ ଗ୍ରାମରୁ ତାଙ୍କ ଶାଳକୁ ଆସୁଥିଲା ଏପରିକି ବାରିକ ମାନଙ୍କର କତୁରୀ ନହୁରୁଣୀ ଧାର ପଜା ହେବାପାଇଁ ଆସୁଥିଲା। ଏକ ସମୟରେ କର୍ମ ଭିଡ଼ରେ ତାଙ୍କ ପତ୍ନୀ କୋକିଳ ମା'ସହଯୋଗୀ ରହୁଥିଲେ। ଚାଷ ବେଳେ ସ୍ତ୍ରୀ ଦୋମଣିଷା ଲଙ୍ଗଳ ଲୁହା ତିଆରି, ପକାଇବା, ଦା ପ୍ରସ୍ତୁତ ଓ ଦା ପଜାଇ କୁଟାଇବା ଏସବୁ କାର୍ଯ୍ୟରେ ସ୍ୱାମୀ ସ୍ତ୍ରୀ ଦୁଇଜଣଙ୍କ ଅବଦାନ ଥିଲା କିନ୍ତୁ ସମୟ ଆସିଲା ସେ ବୃତ୍ତି ଧନ୍ଦା ରୁଦ୍ଧ ସକାଳୁ ହାତୁଡ଼ି ପାହାର ଶବ୍ଦ ଆଉ ଶୁଣା ଯାଉନାହିଁ କି ସେଦୋମଣିଷା ଆଉ ନାହାନ୍ତି, ଏହା ଏକ ସ୍ମୃତି।

ଖଣ୍ଡାମାନେ ଖଣ୍ଡ ଖଣ୍ଡ କରିବା ଅସ୍ତ୍ର, ଖାଲି ଖଣ୍ଡା ଏହା ସହ ଖଣ୍ଡିତ କରେ, ଖଣ୍ଡିଆ କରେ। ଡିଭାଇଡ ଆଣ୍ଡ ରୁଲ ପାଇଁ ଖଣ୍ଡା ଲାଗେ ଏଥିରେ ଭିନ୍ନ ଅଦୃଶ୍ୟ ଖଣ୍ଡା କୁଟନୀତିରେ ବି ଲାଗେ। ଏକ ଶାସନ ଅଧିକାରୀ ତାଙ୍କ ବିପକ୍ଷ ମେଣ୍ଟକୁ ଏପରି ଦୁଇ ଶକ୍ତି ପ୍ରୟୋଗରେ ଦମନ କରୁଛନ୍ତି। ଖଣ୍ଡା ରାଜାମାନେ ଅଭିଷକ କାଳରେ ଧରିବା ଦେଖାଯାଏ। ରାଜଦରବାର ବି ରାଜା ଅସ୍ତ୍ର ଭୂଷିତ ଥାନ୍ତି, ଅସ୍ତ୍ର ହେଉ ବା ଶସ୍ତ୍ର ହେଉ ରାଜ ଆୟୁଧରେ ସର୍ବଦା ରାଜା ଶାସକ ଭୂଷିତ ଶ୍ରୀରାମ ଦରବାର ଛବିରେ କୋଦଣ୍ଡ ଓ ତୀର ମୁଣା ତାଙ୍କ ସ୍କନ୍ଧ ଶୋଭିତ। ରାବଣ ଚନ୍ଦ୍ରହାସ ଖଡ୍ଗ ହସ୍ତା। ରାଣାପ୍ରତାପ ବରଛା ଧରି ଶିବାଜୀ ଛତ୍ରପତି ଲମ୍ବା ଖଡ୍ଗ ଭୂଷିତ ଥିଲେ ବି ମୋଗଲ ଯୋଦ୍ଧା ସେନାପତିକୁ ବାଘନଖ ହତିଆରରେ ଶେଷ କରିଥିଲେ। ନୃସିଂହ ଭଗବାନ ଏପରି ବଜ୍ର ଶକ୍ତ ନଖରେ ଦୁର୍ଦ୍ଦାନ୍ତ ହିରଣ୍ୟ କଶିପୁକୁ ଫାଡ଼ି ଦେଇଥିଲେ। ରାଜ ନୃସିଂହଙ୍କ ପାଖରେ ମମତା ପ୍ରିୟାପ୍ରୀତି ତୋଷଣ ନାହିଁ। ସର୍ଜନ ଡାକ୍ତର ହାତରେ ଧାରୁଆ ଛୁରୀ ସେ ରୋଗ ଭଲ ପାଇଁ ଅସ୍ତ୍ର ଚଳାନ୍ତି ଏଠାରେ ବିଚ୍ଛିନ୍ନ ରୋଗ, ବାରିକ ଦାଢ଼ି ଚୁଟି ଖୁର କତୁରୀ ଧାରୁଆ ଧାତୁରେ କାଟି ଲୋକଙ୍କୁ ସୁନ୍ଦର ମୁଖ ମାରୁଛନ୍ତି। ଧାନକଟା ଦାଆରେ କରଯାଉଛି କାଠ କଟା ଗଛ ହଣା କୁରାଢ଼ୀ କରତରେ ହେଉଛି ଗୁଆକାଟ ଗୁଆକାତି ହେଉଛି ଜୀବକୁ ମାରି ମାଂସ ଟୁକୁଡା କଟାରି ଚାପଡ଼ରେ କରାଯାଉଛି, ନଡ଼ିଆରୁ କତା ଛଡ଼ା ପଇଡ଼ କଟା କଟାରିରେ କରାଯାଉଛି। ଏ ସବୁ ଡିଭାଇଡ ଆଣ୍ଡ ରୁଲ। ବାପା ଜେଜେଙ୍କ ଅର୍ଜିତ ସଞ୍ଚିତକୁ ଭାଇ ଭାଇ, ଭଉଣୀଙ୍କ ମଧ୍ୟରେ ବଣ୍ଟା ପାଇଁ ଅନେକ ମାନ ମନାନ୍ତର ମାମଲା ଏପରିକି ଖୁଣ ଖରାପି। ଦେଶ ଦେଶ ମଧ୍ୟରେ ସୀମା ବିବାଦ ଯୁଦ୍ଧ ଯୋଜିତେଗା ଓ ସିକନ୍ଦର। ରାଜ୍ୟ ରାଜ୍ୟ ସୀମା ବିବାଦ, ନଦୀଜଳ ବିବାଦ ଭେଡ଼ା ହିଡ ପାଚେରୀ ବିବାଦ ଏପରି ସବୁ ବିବାଦମୂଳରେ ଡିଭାଇଡ ଆଣ୍ଡ ରୁଲ। ଧର୍ମ ଧର୍ମ ମଧ୍ୟରେ ସମ୍ପ୍ରଦାୟ ମଧ୍ୟରେ ରାଜନୈତିକ ଦଳ ମାନଙ୍କ ମଧ୍ୟରେ ଏମିତି ଏଇଧାରା। ଖା ଖଣ୍ଡା ସଂସ୍କାର ହୋଇହୋଇ ଏବେ ପରମାଣୁ ଅସ୍ତ୍ର ଏହାର ଭୟ ପୃଥିବୀ ସାରା ବ୍ୟାପି ଗଲାଣି। ଭାଗବତ ପ୍ରମାଣ ଯଦୁବଂଶ ଧ୍ୱଂସ ପରି ସଂସାର ଧ୍ୱଂସ ଦିଗ ଆଉ କେତେ ବାକି ?

'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ,
କଟକ, ଦୂରଭାଷ : ୯୪୩୭୦୩୧୨୫୩

# ଛଟ୍ : ନାରୀ ରୂପରେ ପୂଜା ପାଆନ୍ତି ସୂର୍ଯ୍ୟ

## ବାଦଲ କୁମାର ଭୂୟା

ପ୍ରତି ଓଷା ବା ବ୍ରତର ଗୋଟିଏ କାହାଣୀ ଅଛି। ଏହି କାହାଣୀରେ ଘଟଣାଗତ ବୈଚିତ୍ର ଓ ଦୈବ ଲୀଳା ତଥା ଦୈବ ମହାତ୍ମ୍ୟ ଭରି ରହିଥାଏ। ବ୍ରତ କାହାଣୀ ବ୍ରତାନୁଷ୍ଠାନର ଏକ ବିଶିଷ୍ଟ ଅଙ୍ଗ। ଦେବତାଙ୍କର ମହିମା କୀର୍ତ୍ତନ କରି ପୂଜକ ମନରେ ତାଙ୍କ ପ୍ରତି ଶ୍ରଦ୍ଧା ବା ଭକ୍ତି ଜାଗ୍ରତ କରାଇବା ଏହାର ଉଦ୍ଦେଶ୍ୟ। ଓଡ଼ିଆ ଲୋକସଂସ୍କୃତିରେ ଲୋକ ସାହିତ୍ୟ, ଲୋକଧର୍ମ, ଲୋକ ଗୀତ, ଲୋକ କାହାଣୀ ଓ ଲୋକ ଚେତନାକୁ ହିଁ ବୁଝାଏ। ଓଡ଼ିଶାର ସହରୀ ଜୀବନ ହେଉ ବା ଗାଁ ଜୀବନ କିମ୍ବା ଗିରି କନ୍ଦରରେ ସରଳ ଗ୍ରାମ ଜୀବନଯାପନ କରି ବସବାସ କରୁଥିବା ଆଦିବାସୀ ଜନଜାତି ହୁଅନ୍ତୁ ବା ସାଧାରଣ ଲୋକଟି। ଚାଲିଚଳନ, ପାରମ୍ପରିକ ପର୍ବପର୍ବାଣି, ଓଷାବ୍ରତ, ଦେବଦେବୀଙ୍କ ଆରାଧନା, ନୃତ୍ୟଗୀତ କିପରି ଓଡ଼ିଶାର ସାଂସ୍କୃତିକ ଇତିହାସକୁ ପରିପୃଷ୍ଟ କରନ୍ତି ତାହା ସମସ୍ତଙ୍କୁ ସୁବିଦିତ। କାର୍ତ୍ତିକ ଶୁକ୍ଳ ଷଷ୍ଠୀ ଠାରୁ ଆରମ୍ଭ ହୁଏ ଛଟ୍ ପୂଜା। ଏହି ପୂଜାରେ ଉଦିତ ସୂର୍ଯ୍ୟଙ୍କ ସହ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରାଯାଇ ଉପାସନା କରାଯାଏ। ସୂର୍ଯ୍ୟଙ୍କୁ ହିନ୍ଦୁ ପରମ୍ପରାରେ ଆରୋଗ୍ୟ ଦେବତା କୁହାଯାଏ। ସୂର୍ଯ୍ୟଙ୍କ କିରଣ ଅନେକ ରୋଗ ଦୋଷ ନଷ୍ଟ କରିଥାଏ। ଏହି ପବିତ୍ର ବ୍ରତ ରଖିଲେ ସୂର୍ଯ୍ୟଙ୍କ କୃପା ଦୃଷ୍ଟି ପଡ଼ିଥାଏ ବୋଲି କୁହାଯାଇଛି। ତେବେ ବିଶ୍ୱାସ ରହିଛି ଏହି ଦିନ ସୂର୍ଯ୍ୟଦେବଙ୍କୁ ନାରୀ ରୂପେ ପୂଜା କରାଯାଏ। ପୌରାଣିକ କାହାଣୀ ଅନୁଯାୟୀ ଥରେ ଭଗବାନ ପର୍ଶୁରାମଙ୍କ ମା'ଋଷି ଜମଦଗ୍ନିଙ୍କ ପତ୍ନୀ ରେଣୁକା ଘର ଅଗଣାରେ ପୂଜା କରୁଥିଲେ। ଏହି ସମୟରେ ସୂର୍ଯ୍ୟଙ୍କ ପ୍ରଖର କିରଣ ଯୋଗୁଁ ରେଣୁକା ଝାଳରେ ବୁଡ଼ି ଯାଇଥିଲେ। ରେଣୁକାଙ୍କ କଷ୍ଟ ଦେଖି ଜମଦଗ୍ନି ସୂର୍ଯ୍ୟଙ୍କୁ ଅଭିଶାପ ଦେଲେ ଯେ ସେ ଜଣେ ନାରୀ ହୋଇଯାଆନ୍ତୁ। କିନ୍ତୁ ସୂର୍ଯ୍ୟ କ୍ଷମା ମାଗିବାରୁ ରେଣକା ଓ ଜମଦଗ୍ନି ସୂର୍ଯ୍ୟଙ୍କୁ କ୍ଷମା କରିବା ସହ ବର୍ଷକୁ ଗୋଟିଏ ଦିନ ନାରୀ ରୂପରେ ପୂଜା ପାଇବେ ବୋଲି କହିଥିଲେ। ମାନ୍ୟତା ଅନୁଯାୟୀ ମହାଭାରତ ସମୟରେ କର୍ଣ୍ଣ ସୂର୍ଯ୍ୟଦେବଙ୍କ ପୂଜା କାର୍ତ୍ତିକ ଶୁକ୍ଳ ଷଷ୍ଠୀରେ ଆରମ୍ଭ କରିଥିଲେ। ସେହିଭଳି ଦ୍ରୌପଦୀ ପାଣ୍ଡବମାନେ ହାରିଥିବା ରାଜ୍ୟ ଫେରି ପାଇବା ପାଇଁ ସୂର୍ଯ୍ୟଦେଙ୍କ ପୂଜା କରିଥିଲେ। ଛଟପୂଜା ପ୍ରାୟତଃ ବିହାର, ଝାଡ଼ଖଣ୍ଡ ଓ ଉତ୍ତର ଭାରତର ଏକ ମହାନ ପର୍ବ କହିଲେ ଅତ୍ୟୁକ୍ତି ହେବନାହିଁ। ଦିବସ ବ୍ୟାପୀ ନିଷ୍ଠା ଓ କାଷ୍ଠାର ସହିତ ମହିଳାମାନେ ଏହି ପୂଜା କରିଥାନ୍ତି। ଏହି ପୂଜା କରିବା ଦ୍ୱାରା ପରିବାରର ସମସ୍ତଙ୍କର ସର୍ବମଙ୍ଗଳ ହୋଇଥାଏ। ସେ ଦିନ ଘରେ ଅନେକ ପିଠାପଣାର ଆସର ଜମିଥାଏ ଓ ବନ୍ଧୁବର୍ଗଙ୍କ ଭିତରେ ପିଠାପଣା ଖାଇ ଆନନ୍ଦ ଉଲ୍ଲାସରେ ଦିନଟି ଅତିବାହିତ ହୋଇଥାଏ। ଓଡ଼ିଶାରେ ବିଶେଷକରି କଟକ-ଭୁବନେଶ୍ୱରରେ ରହୁଥିବା ଉତ୍ତର ଭାରତର ଲୋକମାନେ ବିଶେଷକରି ବିହାର ଓ ଝାଡ଼ଖଣ୍ଡର ଅଧିବାସୀମାନେ ମହାନଦୀ, କାଠଯୋଡ଼ି ଓ ଦୟାନଦୀ କୂଳରେ ଭଗବାନ ସୂର୍ଯ୍ୟଦେବଙ୍କ ପ୍ରାର୍ଥନା କରିଥାନ୍ତି। ଏହି ଦିବସରେ ଅନେକ ଆଧ୍ୟାତ୍ମିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥାଏ। ଅ । ଲେ । ଚ ୫ ଲୋକସଂସ୍କୃତି ଓ ଓଷାବ୍ରତ ହେଉଛି ଆମ ଜୀନ ଜୀବନର ମୂଳ ଆଧାର। ଅତୀତର ସମସାମୟିକ ଦୁର୍ବିସହ ସମାଜକୁ ଓ ପୁରୁଷାନୁକ୍ରମେ ଅତୀତ, ଶୋଷିତ ସମାଜକୁ ଜାଣିହୁଏ ନାହିଁ ତେଣୁ ବୃହତ୍ତର ଜନଗୋଷ୍ଠୀ ପାଇଁ ନିର୍ଭୁଲ ପଥ ତିଆରି କରିବା ପାଇଁ ହେଲେ ଲୋକ ସଂସ୍କୃତିର ଆଲୋଚନାକୁ ଠିକ ଦିଗରେ ଆଗେଇ ନେବାକୁ ପଡ଼ିବ। ମହାନ ଓଡ଼ିଆ ସାହିତ୍ୟର ପ୍ରାଣକେନ୍ଦ୍ର ହେଉଛନ୍ତି ମହାପ୍ରଭୁ ଜଗନ୍ନାଥ। ପର୍ବପର୍ବାଣି, ସାହିତ୍ୟକୁ ଗଣଧର୍ମୀ କରିଛି। ପର୍ବପର୍ବାଣି ପାଳନର ମୁଖ୍ୟତଃ ଦୁଇଟି ଦିଗ। ଏକ ପକ୍ଷରେ ଏହା ବ୍ୟକ୍ତି ଜୀବନକୁ ନୀତିମୟ, ପରିଚ୍ଛନ୍ନ, ଶୁଦ୍ଧ ଓ ଆଚାରଶୀଳ କରୁଥିବାବେଳେ ଅନ୍ୟପକ୍ଷରେ ଏହା ସାମଗ୍ରିକ ଜୀବନର ଗଣତାନ୍ତ୍ରିକ ରୂପ ବୈଚିତ୍ର ସ୍ମରଣ କରିଥାଏ। ପର୍ବପର୍ବାଣି ଆମ ସାମାଜିକ ଓ ସାଂସ୍କୃତିକ ଜୀବନର ମହନୀୟ ଐତିହ୍ୟର ସ୍ମାରକୀ। ଓଡ଼ିଆ ସାହିତ୍ୟରେ ପର୍ବପର୍ବାଣୀ ଗୁଡ଼ିକ ଭକ୍ତିର ଶିଶିରପାତ କରିବା ସଙ୍ଗେ ସଙ୍ଗେ ସାମାଜିକ ଭିତ୍ତିର ସୂର୍ଯ୍ୟ କିରଣରେ ଆଲୋକିତ କରିଛନ୍ତି। ଓଡ଼ିଆ ଜାତିର ସାଂସ୍କୃତିକ ମହନୀୟତା ଓ ଜୀବନ ବୈଚିତ୍ର୍ୟର ସ୍ପଷ୍ଟ ପରିଚୟ ପର୍ବପର୍ବାଣୀ ମାଧ୍ୟମରେ ଓଡ଼ିଆ ସାହିତ୍ୟର ଦିଗବଳୟକୁ ସମ୍ପ୍ରସାରିତ ଯେ କରିଛି ଏହା କହିଲେ ଅତ୍ୟୁକ୍ତି ହେବନାହିଁ।

ପ୍ରତିଷ୍ଠାତା, ସମ୍ପାଦକ 'ସିଂହଭୂମ୍', ପୁରୁଣା ସୋନାରି,
ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨

## ରାମଙ୍କ ଜନ୍ମ

### ଡାକ୍ତର ଦିଲ୍ଲୀପ କୁମାର ମହାରଣା

ଧର୍ମ, ଅର୍ଥ, କାମ, ମୋକ୍ଷ ଏଇ ଚତୁର୍ବର୍ଗ ସୁଫଳ ପାଇବା ପାଇଁ ଲବକୁଶ ରାମାୟଣ ଗାନ କରିବାକୁ ଲାଗିଲେ। ସେମାନେ ପ୍ରଥମରୁ ଆରମ୍ଭ କଲାବେଳେ ଜାଣିଲେ ଯେ ଇକ୍ଷ୍ୱାକୁ ବଂଶରେ ସଗର ରାଜା ଜନ୍ମିଥିଲେ। ସରଯୂ କୂଳରେ କୋଶଳ ନାମରେ ଗୋଟିଏ ସମୃଦ୍ଧଶାଳୀ ରାଜ୍ୟ ଥିଲା। ଅଯୋଧ୍ୟା ସେଇ ରାଜ୍ୟର ରାଜଧାନୀ। ଅଯୋଧ୍ୟାର ସୁଦୃଶ୍ୟ ଅଟ୍ଟାଳିକା, ରାଜମାର୍ଗ, ପ୍ରାକୃତିକ ଶୋଭା ଅନନ୍ୟ ଥିଲା। ଅଯୋଧ୍ୟାର ପ୍ରିୟ ରାଜା ମହାରାଜା ଦଶରଥ ଶାସ୍ତ୍ରଜ୍ଞ, ଧର୍ମ ପରାୟଣ, ଶାସ୍ତ୍ର, ନିର୍ଲୋଭ ଓ ସତ୍ୟବାଦୀ ଥିଲେ। ଦଶରଥ ଅନେକ ଦିନ ଅପୁତ୍ରକ ଥିବାରୁ ସେ ପୁତ୍ରକାମନା କରୁଥିଲେ। ତାଙ୍କ ରାଜ୍ୟସଭାରେ ବଶିଷ୍ଠ, ବିଶ୍ୱାମିତ୍ର, ବାମଦେବ, ଜାବାଳି ପ୍ରଭୃତି ଧର୍ମଜ୍ଞ, ସତ୍ୟବାଦୀ, ନିର୍ଭୀକ, ମତିମାନ, ସତ୍ୟଦ୍ରଷ୍ଟା, ନିର୍ଲୋଭମାନେ ମନ୍ତ୍ରୀ ଥିଲେ।

ରାଜ୍ୟସଭା ଆଦୃତ ହେଲା ଏବଂ ସୁମନ୍ତ ଦଶରଥଙ୍କୁ ଏକାନ୍ତରେ କହିଲେ ଯେ ମୁଁ ସନତ କୁମାରଙ୍କ ଠାରୁ ଏଇ କଥା ଶୁଣିଛି, କାଶ୍ୟପ ତନୟ ବିଭାଣ୍ଡକ ମୁନିଙ୍କର ଏକ ପୁତ୍ର ଥିଲେ। ସେ ଋଷ୍ୟଶୃଙ୍ଗ ନାମରେ ବିଖ୍ୟାତ। ଏକଦା ଭୟଙ୍କର ଦୁର୍ଭିକ୍ଷ ପଡ଼ିବାରୁ ସେଇ ଦେଶର ରାଜା ଲୋମପାଦ କୌଶଳ କରି ଋଷ୍ୟଶୃଙ୍ଗଙ୍କୁ ନିଜ ରାଜା ଦଶରଥଙ୍କ ପୁତ୍ର କାମନା କିପରି ପୂର୍ଣ୍ଣ ହେବ ଏଇ କଥା କହିଥିଲେ। ଦଶରଥଙ୍କ ପୁତ୍ର କାମନା କିପରି ପୂର୍ଣ୍ଣ ହେବ ଋଷ୍ୟଶୃଙ୍କ କହିପାରିବେ।ଲୋମପାଦ କାହିଁକି ଋଷ୍ୟଶୃଙ୍ଗଙ୍କୁ ଆଣିଥିଲେ ତାହା ଜାଣିବାକୁ ଚାହିଁବାରୁ ସନକ କହିଲେ ଯେ ଋଷ୍ୟଶୃଙ୍ଗ ସର୍ବଦା ବନରେ ରହୁଥିଲେ। ସେଇ ଅଗମ୍ୟ ବନରେ ତପସ୍ୟା ଓ ବେଦାଧ୍ୟୟନ କରୁଥିଲେ। ତାପରେ ତାଙ୍କୁ ଶୀଘ୍ର ଅଯୋଧ୍ୟା ଆଣିବା ଗଣିକାମାନଙ୍କୁ ନିଯୁକ୍ତ କରିବା ପାଇଁ ରାଜା ନିଷ୍ପତ୍ତି କଲେ।ଋଷ୍ୟଶୃଙ୍ଗ ପିତାଙ୍କ ଉପରେ ସନ୍ତୁଷ୍ଟ ଥିଲେ। ସେ ବାହାରକୁ ନଯାଇ କେବଳ ଆଶ୍ରମରେ ରହୁଥିଲେ। ଦିନେ ସେ ବୁଲିବାକୁ ଯାଇଥିବାବେଳେ ବିଚିତ୍ରା ବେଶ୍ୟା ନାରୀ ମାନଙ୍କୁ ଦେଖିଲେ। ସେ କାହିଁକି ଏକାକୀ ବନରେ ଅଛନ୍ତି ଏହା ଗଣିକାମାନେ ଜାଣିବାକୁ ଚାହିଁବାରୁ ଋଷ୍ୟଶୃଙ୍ଗ ମୁଗ୍ଧ ହୋଇ କହିଲେ ମୋ ପିତା ବିଭାଣ୍ଡକ। ମୁଁ ତାଙ୍କର ପୁତ୍ର। ତୁମ୍ଭେମାନେ ନିକଟର ଆଶ୍ରମକୁ ଗଲେ ସେଠାରେ ସମସ୍ତଙ୍କୁ ଯଥାବିଧି ସତ୍କାର କରିବେ। ଆଶ୍ରମରେ ସେମାନେ ଋଷ୍ୟଶୃଙ୍ଗଙ୍କ ସତ୍କାର ଗ୍ରହଣ କଲେ। ଗଣିକାମାନେ ତାଙ୍କୁ ଆଲିଙ୍ଗନ କରି ଓ ବିବିଧ ଖାଦ୍ୟ ଦେଇ ବଶୀଭୂତ କରିଦେଲେ। ସେମାନେ ଚାଲିଯିବା ପରେ ଋଷ୍ୟଶୃଙ୍ଗ ବିରହ ଜ୍ୱାଳାରେ କାତର ହେଲେ। ଋଷ୍ୟଶୃଙ୍ଗ ଅଙ୍ଗ ରାଜ୍ୟକୁ ଆସିବା ପରେ ସେଠାରେ ପ୍ରବଳ ବର୍ଷା ହେଲା ଏବଂ ଋଷ୍ୟଶୃଙ୍ଗ ମଧ୍ୟ ସେହି ଦେଶର ରାଜକନ୍ୟାଙ୍କୁ ବିବାହ କଲେ। ଅଙ୍ଗରାଜ ଲୋମପାଦ ଦଶରଥଙ୍କ ବନ୍ଧୁଥିଲେ। ସେ ସୁମନ୍ତ କଥିତ ଋଷ୍ୟଶୃଙ୍ଗ ଇତିହାସ ବଶିଷ୍ଠଙ୍କୁ ଜଣାଇଲେ। ସେଠରେ କିଛି ଦିନ ବାସ କରିବା ପରେ ଦଶରଥ ଲୋମପାଦଙ୍କୁ ପୁତ୍ର କାମନା ପାଇଁ ଯଜ୍ଞାନୁଷ୍ଠାନ କରିବା ପ୍ରସଙ୍ଗ କହିଲେ ଏବଂ ଋଷ୍ୟଶୃଙ୍ଗଙ୍କୁ ସେଥିରେ ଯୋଗ ଦେବା ପାଇଁ ଅନୁରୋଧ କଲେ। ତାଙ୍କ ଅନୁରାଧ ରକ୍ଷା କରି ଜାମାତା ଋଷ୍ୟଶୃଙ୍ଗଙ୍କୁ ଅଯୋଧ୍ୟା ପଠାଇବା ପାଇଁ ବ୍ୟବସ୍ଥା କଲେ। (କ୍ରମଶଃ)

# ନେତ୍ରମଣି

## ଉତ୍କଳାନନ୍ଦ ଅଜୟ କୁମାର ବେହେରା

(ନେତ୍ରମଣି) ନେତ୍ର, ଅର୍ଥ ବୁଝିଲେ ଆଖିକୁ ବୁଝାଉଛି, ଦୃଶ୍ୟର ଉତ୍ସ ହିଁ ନେତ୍ର। ନେତ୍ରହୀନଙ୍କ ଯନ୍ତ୍ରଣା ଜୀବନ କେବଳ ସେ ହିଁ ଜାଣନ୍ତି, ଯଦି ତାଙ୍କର କେହି ସହାୟତା କରୁଥାନ୍ତି ସେ ହିଁ ଜାଣିପାରନ୍ତି, ଚକ୍ଷୁହୀନର ସହାୟକ ହିଁ ନେତ୍ରମଣି, ଅନ୍ଧର ଲଉଡି, ବାଡ଼ି ହିଁ ନେତ୍ର ମଣି। ପଣୀର ମଣି ତାର ଚମକ, ବାପା ମାଆଙ୍କ ପୁଅ, ପୁଅର ପୁଅ ଝିଅ, ଝିଅର ପୁଅ ଝିଅ ନେତ୍ରମଣି, ଜନ୍ମାନ୍ଧ କେହି ହୋଇତ୍ଲେ ସେ ତାଙ୍କ ବାପା ମାଆଙ୍କ ମହା ସମସ୍ୟା, ଅନେକ ଗଳଗ୍ରହ ଭାବିଥାନ୍ତି, କିନ୍ତୁ ନାହିଁ ମାମୁଁ ଠାରୁ କଣ ମାମୁଁ ଭଲ ଏ ନିୟମରେ ଜଣେ ଜନ୍ମ, ଜନ୍ମ ତାଙ୍କର ପିତାଙ୍କ ଅକାଳ ମୃତ୍ୟୁ, ଏପିଲା ଜନ୍ମ ପୂର୍ବରୁ ହୋଇଯାଇଥିଲା। ମାଆଙ୍କର ଏକୋଇର ବାଳା, ପୁଣି ତତ୍କାଳୀନ ବଂଶର ପ୍ରଥମ ସନ୍ତାନ, ଅନ୍ଧ ସନ୍ତାନ ହେଲେ ବି ରାଜଘରର ପରମ୍ପରାରେ କେତେ ଉତ୍ସବ ଦାନ ଖଇରାତ ହୋଇଥିବା ନିଶ୍ଚିତ। ହେଲେ ଅନ୍ଧ ହୋଇଥବା ଲୋକର ପ୍ରଜା ଦୁଃଖ କେମିତି ଦେଖିବେ, ଅବଶ୍ୟ ରାଜା ରାଜ୍ୟର କୋଣ ଅନୁକୋଣ ସଂଦର୍ଶନର ଦୃଶ୍ୟ ପଟଚରଙ୍କ ଚକ୍ଷୁରେ ଦେଖନ୍ତି, ଭିନ୍ନ ଦୃଶ୍ୟ ଗୁପ୍ତଚରଙ୍କ ଦ୍ୱାରା ବୋଧ କରନ୍ତି, ପ୍ରକୃତରେ ରାଜା ହିଁ ପ୍ରଜାଙ୍କ ନେତ୍ରମଣି, ମାତ୍ର ମାରୁ ଦୁର୍ଦ୍ଦାନ୍ତ ଖଳ ରାଜା ପ୍ରଜାଙ୍କ ଚକ୍ଷୁଶୂଳ ହୁଅନ୍ତି, ପ୍ରଜାଙ୍କ ଲୋତକ ପାତ କରନ୍ତି।

ଏଇ ଅନ୍ଧରାଜ ଧୃତରାଷ୍ଟ୍ର ରାଷ୍ଟ୍ରର ଧୃତ ହୋଇଥିଲେ, ଏକ ସୁଯୋଗରେ ତାଙ୍କ ମୁଣ୍ଡରେ ସୁନାଶିରସ୍ତ୍ରାଣ ମଣ୍ଡନ ହୋଇଥିଲା ସେ ସୁନାର ରଙ୍ଗ ଜାଣନ୍ତି ନାହିଁ କି ମୂଲ୍ୟାୟନ ଜାଣନ୍ତି ନାହିଁ, ତେବେ ଅନ୍ୟମାନେ ଆନୁଗତ୍ୟମାନେ ଆଉ ଅନ୍ଧା କାନୁନ ପ୍ରୟୋଗ କରି ସ୍ୱାର୍ଥସିଦ୍ଧ ମାନେ ଖୁବ ସୁନ୍ଦର ଲାଗୁଛି କହି ଧୃତରାଷ୍ଟ୍ରଙ୍କୁ ବହୁତ ଉପରକୁ ଟେକି ଦେଇଥିଲେ, ଅନ୍ଧ ରାଜାର ନେତ୍ରମଣି ହେଲେ ପୁତ୍ର ଦୁର୍ଯ୍ୟୋଧନ, ଆଖିରପତା ହେଲେ ଦୁଃଶାସନ, ଦୁଷ୍ଟ ଶାସନ, ପ୍ରଜାପୀଡ଼କ ଶାସନରୁ ନିଷ୍ଟୟ, ସତଧନ କେବେ ଆଶା କରାଯାଏ ନାହିଁ, ଦୁଃ ଲାଗିବା ଧନ ଯାହା ଦୁଃର୍ଜୟ ମାର୍ଗରୁ ଆହରଣ ହେଉଥିଲା, ଅନ୍ଧ ରାଜା ରବର ମୋହର ହୋଇ ପୁଅଙ୍କର ରହିଲେ, ରାଜ ଆଦେଶ ହୁକୁମ ଜାହିର ଧୃତରାଷ୍ଟ୍ର ରାଜଙ୍କ ନେତ୍ରମଣିଙ୍କ ପାଇଁ ହେଉଥିଲା। ରାଜପଥରେ ନୁହଁ ରାଜସଭାରେ ନାରୀଟିଏ, କୁଳବଧୂଟିଏ ନିର୍ଯାତିତ ନିର୍ଲଜ୍ଜଙ୍କ ଦ୍ୱାରା ହେଉଛନ୍ତି ଏକଥା ଅନ୍ଧା ରାଜା ଦେଖି ପାରୁନଥିଲେ, ପୂର୍ବରୁ ଆଦେଶର ରବର ଷ୍ଟାମ୍ପ ବସିଯାଇଛି, ରାଜାହୁକୁମ ବ୍ୟବସ୍ଥାର ବ୍ୟବସ୍ଥାପମାନେ ନିଜ ସ୍ୱାର୍ଥ ପାଇଁ ଗୋହିରୀ ପଥ ଖୋଜନ୍ତି, ଏ ପାଇଁ ଆଳ ଦେଖାନ୍ତି, ଉପଭୋକ୍ତା କାହାକୁ କହିବେ ? ରାଜ ନେତ୍ରମଣି ତ ରାଜ ବଶ୍ୱାସୀ, ଏମିତି ରାଜଧର୍ମରେ କଳଙ୍କ ଆସିଥାଏ। ରାଜତନ୍ତ୍ର ଏକ ମେସିନ ପରି ମେସିନରେ କଳଙ୍କି ଲାଗିଲେ ବା ବିଭିନ୍ନ ଘର୍ଷଣ ସ୍ଥାନରେ ଗିରଜ ତେଲ ଅଭାବ ହେଲେ ମେସିନ କର୍ମ ମୁଖର ସଠିକ ନହୋଇ ଅଚଳ ହୋଇପଡ଼େ। ସେପରି ରାଜଧର୍ମର ଯେଉଁ ଚାରି ନୀତି ଅଛି, ତାକୁ ଠିକ ବେଳେ ଠିକ ସ୍ଥାନରେ ନଲାଗାଇଲେ ଶାସନ କଳ ମେସିନ ଅଚଳ ହୋଇଯାଏ, ସର୍ବଦା ସବୁ ରାଜାମାନଙ୍କର ମନ୍ତ୍ରୀ, ସଚିବ ଥିଲେ ବି ରାଜଗୁରୁ ଥାନ୍ତି, ରାଜଗୁରୁ ସର୍ବଦା ଶାସ୍ତ୍ର ବାକ୍ୟରେ ପରିସ୍ଥିତି ଅନୁଯାୟୀ ରାଜାଙ୍କୁ ସନ୍ଧି ବା ବିଗ୍ରହ କରିବାକୁ ହେବ ପରାମର୍ଶ ଦେଇଥାନ୍ତି, ଏହା ବହୁତ ଗୁରୁତ୍ୱ ପୂର୍ଣ୍ଣ ବିଷୟ। ରାଜା ଧୃତରାଷ୍ଟ୍ର ଓ ତାଙ୍କ ନେତ୍ରମଣି ପୁଅ ରାଜଗୁରୁଙ୍କ କଥା ଶୁଣି ନାହାନ୍ତି, ମନ୍ତ୍ରୀ ବିଦୂରଙ୍କୁ ଅବମାନନା କରିଛନ୍ତି ଓଲଟି ତାଙ୍କୁ ରାଜବାହୁଛାୟାରେ ପରିପୃଷ୍ଟ ବୋଲକରା କର୍ମୀ ଭାବି ଦୁଃଖ ଡାକି ଆଣିଥିଲେ। ରାଜାଙ୍କର ରାଣୀ ଥାନ୍ତି, ଏ ମଧ୍ୟରେ ପାଟରାଣୀ ଜଣେ, ରାଜା ଧୃତରାଷ୍ଟ୍ର ଜନ୍ମାନ୍ଧ ପାଟରାଣୀ ପଟି ଆଖିରେ ଭିଡ଼ି ସ୍ୱାମୀର ଅର୍ଦ୍ଧାଙ୍ଗିନୀ ଧର୍ମ ପତ୍ନୀ, ସନ୍ତାନମାନଙ୍କ ଆଚରଣ ତାଙ୍କୁ ଅଦେଖା, କାରଣ ତାଙ୍କର ନେତ୍ର ଥାଇକି ଅନ୍ଧ। ସେ ଉଚ୍ଚାରଣ ଶୁଣନ୍ତି, କିନ୍ତୁ ତାହା ଯେ ଅଶାସ୍ତ୍ରୀୟ ସ୍ୱ ସ୍ୱାର୍ଥ ସାଧନ ପାଇଁ ଲଗାଇଛନ୍ତି ଏଥିରେ ଗାନ୍ଧାରୀ ମା ବୁଝନ୍ତି ନାହିଁ। ସଦା ଦୁଇଟି ଦିଗରେ ଆଇନି ବନ୍ଧା ଘଟଣା ଘଟିଛି, ବାଦୀ ଉପସ୍ଥାପନା କରୁଛନ୍ତି ମାତ୍ର ପ୍ରତିବାଦୀ ଅସ୍ୱୀକାର କରୁଛନ୍ତି, ଏ କ୍ଷେତ୍ରରେ ବିଚାରକ ଜଡ଼ ଖୋଜି ବିଶ୍ଳେଷଣ କରି ନ୍ୟାୟ ଦିଅନ୍ତି, ତେବେ ନ୍ୟାୟମୂର୍ତ୍ତି ଯଦି ନେତ୍ରମଣି ସମ୍ପନ୍ନ ନହୁଅନ୍ତି ତେବେ ନ୍ୟାୟ ଯେ ଅନ୍ୟାୟ ହୋଇଯାଏ ଶେଷ ପରିଣତ ଲୋକେ ଆଇନକୁ ହାତକୁ ନେଇ ରକ୍ତପାତ ଧନ ଜୀବନ ହାନି ହୋଇପାରେ, ସ୍ୱାର୍ଥପର ରାଜପରିବାର ହେଲେ ସର୍ବନାଶ ଦୂରରେ ନଥାଏ, ଏପରି ହୋଇ ଦ୍ୱାପରର ରାଜତନ୍ତ୍ର ମାନ ବିଲୋପ ହୋଇଛି। ଅନେକ ଦେବତା ତିନି ଆଖିଆ ଦେବଧନ ମାଲିକ କୁବେର ଏକ ଆଖିରେ ହିଁ ଦେଖନ୍ତି, ପୁରୁଷ ସୂକ୍ତରେ ଅଛି ଭଗବାନଙ୍କ ସହସ୍ର ଆଖି, ଆମ ନୀଳାଞ୍ଚଳ ନାଥ ଜଗନ୍ନାଥଙ୍କ ଆଖି ପତା ନାହିଁ ଅତଏବ ଚକା ନୟନ ସବୁବେଳେ, ସଦାସର୍ବଦା ସର୍ବତ୍ର ଦେଖୁଛନ୍ତି। ତାଙ୍କରି ଅଛି ସାମ୍ବତ୍ସରିକ ନେତ୍ରୋତ୍ସବ, ଭକ୍ତ ଆଖିକୁ ତାଙ୍କର ଆଖିର ମିଳନ ପର୍ବ, ପୁଣି ଅଛି ଭକ୍ତଙ୍କର ଆରାଧ ରସିକରାଜ ଶ୍ରୀକୃଷ୍ଣ ପ୍ରେୟସୀ ରାଧାରାଣୀଙ୍କ ପାଦ ଦର୍ଶନ, ତାହାବି ଏଇ ସାକ୍ଷୀଗୋପାଳ କ୍ଷେତ୍ର ପୁରୀ ଠାରୁ ଅନତି ଦୂର, ପ୍ରକୃତରେ ଭଗବାନ ସମସ୍ତଙ୍କ ନେତ୍ରମଣି, ସେ ଯେଉଁ ଧର୍ମର ହୁଅନ୍ତୁ ନା କାହିଁକି ? ଶୁଣିଛି ହୋମର ବୋଲି ଜଣେ ଅନ୍ଧ କବି ଥିଲେ, ହେଲେ ଆମ ରାଜ୍ୟର ମହିମା ଧର୍ମର କବି ଭୀମ ଭୋଇ ଅନ୍ଧ ଥିଲେ ବି ଦିବ୍ୟ ଦର୍ଶନ ଅନୁଭବ କରି କେତେ କଣ ରଚନା କରି ଯାଇଛନ୍ତି। କେହି ସାଧକ ଅନ୍ତରମୁଖି ନ ହେଲେ ଭିତରେ ଥିବା ଜ୍ଞାନ ପାଇପାରିବେ ନାହିଁ। ଦେଖନ୍ତୁଧ୍ୟାନୀକୁ ବୁଦ୍ଧ ମୂର୍ତ୍ତି ଦେଖନ୍ତୁ ଧ୍ୟାନୀ ଶିବ, ଦେଖନ୍ତୁ ବିବେକାନନ୍ଦଙ୍କ ଧ୍ୟାନ ମୁଦ୍ରାର ଫଟୋ ବା ବେଲୁଡ଼ ମଠର ତାଙ୍କ ସ୍ମୃତି ମନ୍ଦିର ଏ ଅବସ୍ଥାରେ ଏ ସବୁଙ୍କ ନେତ୍ରମଣି ଭିତର ଦୁନିଆରେ କିଛି ଖୋଜୁଛନ୍ତି। ଭଗବାନ ଶ୍ରୀକୃଷ୍ଣ ସୁବଳଙ୍କୁ ଚକ୍ଷୁ ଦାନ କରିବା ଶାସ୍ତ୍ରର ବାଣୀ, ମହାସତି ସାବିତ୍ରୀ ଯମରାଜାଙ୍କୁ ତଥାଙ୍କ ସ୍ୱାମୀଙ୍କ ଜୀବନଦାନ ସହ ଅନ୍ଧ ଶାଶୁ ଶ୍ୱଶୁରଙ୍କ ନେତ୍ରମଣି ବରରୂପେ ମାଗୁଣି କରି ଲାଭ କରିଥିଲେ। ସେ ଜଣେ ଅଲ୍ୟଳୀ ରାଜାକୁମାରୀ ହେଲେ ପରମା ଜ୍ଞାନୀ ସେବାରେ ସେ ଶାଶୁ ଶ୍ୱଶୁରଙ୍କୁ ପ୍ରଧାନ୍ୟ ଦେବା, ଥିଲା ବଡ଼ନୁହେଁ ଥିଲା ମହାନ ଆଦର୍ଶ, ତାଙ୍କୁ ଏ ଯୁଗରେ ନାରୀମାନେ ଏକ ବ୍ରତରେ ମନେ ପକାନ୍ତି ହେଲେ ସ୍ୱାମୀ ସହ ଶ୍ୱଶୁରଙ୍କ ବିହିତ ସେବା ହୁଏତ ଅନେକ ଭୁଲି ଯାଉଛନ୍ତି, ସାବିତ୍ରୀ ଏ ବିଷୟରେ ଆଦର୍ଶ ନେତ୍ରମଣି। ପାଠକେ ଚକାନୟନଙ୍କୁ ଭୁଲ ନାହିଁ ସେ ତାଙ୍କ ନେତ୍ରମଣିରେ ସବୁ ଦେଖୁଛନ୍ତି।

'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ
ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ଅଚଳ ଏଟିଏମ କାଉ[ର ପାଲଟିଛି ବ୍ୟବସାୟୀଙ୍କ ଗୋଦାମ ଘର

- ଅଭିଯୋଗ ପରେ ଚେତିଲା ପୌର ପ୍ରଶାସନ
- ସିଲ୍ ହେଲା ଅଚଳ ଏଟିଏମ କାଉ[ର




ଖୋର୍ଦ୍ଧା, (ମହାଭାରତ): ସହରର ସୋନ୍ଦର୍ଯ୍ୟକରଣ ପାଇଁ ପୌର ପରିଷଦ ପକ୍ଷରୁ ଟ୍ରାଫିକ ଛକ ଠାରୁ ନେଇ ଖୋର୍ଦ୍ଧା ଷ୍ଟେଟ ବ୍ୟାଙ୍କ ଛକ ପର୍ଯ୍ୟନ୍ତ ରାସ୍ତାକଡ଼ରେ ଥିବା ସମସ୍ତ ଦୋକାନକୁ ଉଚ୍ଛେଦ କରାଯାଇଅଛି। ରାସ୍ତା କଡ଼ରେ ବ୍ୟବସାୟ ପାଇଁ ପୌର ପରିଷଦ ପକ୍ଷରୁ ବାରଣ ସ[୍ୱେ ମଧ୍ୟ କିଛି ଉଠା ଦୋକାନୀ ବେଖାତିର୍ କରି ପୁନର୍ବାର ଉକ୍ତ ସ୍ଥାନରେ ନିଜ ପସରା ମେଲାଇ ଦେଇଥିବାବେଳେ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଯାହାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପ୍ରକାଶ ଥାଉକି, ଖୋର୍ଦ୍ଧା ସହରର ସମବାୟ ବ୍ୟାଙ୍କ ଛକ ଏକ ପ୍ରମୁଖ ସ୍ଥାନ ଭାବେ ପରିଚିତ ଅଟେ । ପୌରପ୍ରଶାସନ ପକ୍ଷରୁ ବିଗତ ଦିନରେ ରାସ୍ତା ସୌନ୍ଦର୍ଯ୍ୟକରଣ ଉଦ୍ଦେଶ୍ୟରେ ସମସ୍ତ ଦୋକାନ ଘର ଗୁଡ଼ିକ ଉଚ୍ଛେଦ କରାଯାଇଥିଲା । ଏହା ସହିତ ପୌର ପରିଷଦ ପକ୍ଷରୁ ବାରଣ ସ[୍ୱେ ମଧ୍ୟ କିଛି ଉଠା ଦୋକାନୀଙ୍କୁ ଅସ୍ଥାୟୀଭାବେ ଆସି ଉକ୍ତ ଜାଗା ଉପରେ ପସରା ମେଲାଇଥିବା ଦେଖିବାକୁ ମିଳିଛି। ତେବେ ସହରରେ ଜନ ସାଧାରଣଙ୍କୁ ଉନ୍ନତ ସେବା ପ୍ରଦାନ ଉଦ୍ଦେଶ୍ୟରେ ସମବାୟ ବ୍ୟାଙ୍କ ଛକ ଉପରେ ରହିଥିବା ଜୟୀ ରାଜଗୁରୁ ଭବନର ଏକ ଗୃହରେ ଏକ୍ସିସ ବ୍ୟାଙ୍କର ଏଟିଏମ କାଉ[ର ପ୍ରତିଷ୍ଠା କରାଯାଇଥିଲା । କୌଣସି କାରଣରୁ ଉକ୍ତ କାଉ[ରଟି ବ୍ୟବହାର ନ ହୋଇ ଦୀର୍ଘ ଦିନ ଧରି ଅଚଳ ହୋଇ ପଡିଥିବା ବେଳେ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି। ଯାହା କି କିଛି ଉଠା ଦୋକାନୀଙ୍କ ପାଇଁ ସୁବର୍ଣ୍ଣ ସୁଯୋଗ ହୋଇଛି। ଉକ୍ତ ଏଟିଏମ୍ କାଉ[ରକୁ କିଛି ବ୍ୟବସାୟୀ ଗୋଦାମ ଘର ଭାବେ ବ୍ୟବହାର କରୁଛନ୍ତି । କାଉ[ର ଭିତରେ ରାତିରେ ମାଲ ଗଦାଇ ରଖିବା ସହ ସଟରକୁ ତାଲା ପକାଇ ରଖୁଥିବାର ଦେଖାଯାଇଛି । ତେବେ ଏଟିଏମ କାଉ[ରକୁ ଗୋଦାମ ଭାବେ ବ୍ୟବହାର କରିବାକୁ ନେଇ ଉଠିଛି ପ୍ରଶ୍ନ । କିଏ ଗୋଦାମ ଲାଗି ଅନୁମତି ଦେଲା । ବ୍ୟାଙ୍କ କର୍ତ୍ତୃପକ୍ଷ ନା ପୌରପ୍ରଶାସନ କେଉଁ ଅଧିକାରୀଙ୍କ ଜାଣନ୍ତାରେ ଏହା ହେଉଛି ବୋଲି ଲୋକଙ୍କ ମନରେ ପ୍ରଶ୍ନ ଉଙ୍କି ମାରିଛି । ଅନ୍ୟପକ୍ଷରେ ଏନେଇ ବ୍ୟାଙ୍କ ପରିଚାଳକ ସତ୍ୟରାମ ପଠିଙ୍କ କହିବା କଥା ଖୋର୍ଦ୍ଧା ଅଂଚଳରେ ଥିବା ବ୍ୟାଙ୍କର ସମସ୍ତ ଏଟିଏମ୍ କାଉଁଟର ଅନେକ ଦିନ ଧରି ବନ୍ଦ ରହିଥିବା ବେଳେ କେବଳ ବ୍ୟାଙ୍କ ତଳେ ରହିଥିବା କାଉଁଟର ଚାଲୁ ରହିଛି, ତେବେ ସମବାୟ ବ୍ୟାଙ୍କ ଛକରେ ରହିଥିବା କାଉ[ର ଅଚଳ ହୋଇ ପଡିଥିବା ନେଇ ପୌର ପରିଷଦକୁ ଅବଗତ କରାଇଥିବା ନେଇ କହିଛନ୍ତି । ହେଲେ ଏନେଇ ପୌରନିର୍ବାହୀ ଅଧିକାରୀ ରିଜୱାନା କଓ୍ୱକବଙ୍କ କହିବା କଥା ଏଟିଏମ୍ ଅଚଳ ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ପୌର ପ୍ରଶାସନକୁ ଅବଗତ କରାଇନାହାନ୍ତି । ତେଣୁ ଏ ପ୍ରକାର ସମସ୍ୟା ଉପୁଜିଛି। ତେବେ ଅଭିଯୋଗ ପରେ ପୌର ପ୍ରଶାସନ ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇ ଉକ୍ତ ଅଚଳ ଏଟିଏମ କାଉଁଟରକୁ ପୌର ପ୍ରଶାସନ ପକ୍ଷରୁ ସିଲ କରାଯାଇଥିବା କହିଛନ୍ତି ଶ୍ରୀମତୀ କଓ୍ୱକବ ।

# ଧରତୀ ଆବା ଜନଭାଗିଦାରୀ ଅଭିଯାନ ଅଧୀନରେ କେନ୍ଦୁଝର ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲ୍ଲା ଭାବରେ ସମ୍ମାନିତ



କେନ୍ଦୁଝର, (ମହାଭାରତ): ଧରତୀ ଆବା ଜନଭାଗିଦାରୀ ଅଭିଯାନ ଅଧୀନରେ ଶ୍ରେଷ୍ଠ ପ୍ରଦର୍ଶନକାରୀ ଜିଲ୍ଲା ଭାବରେ ଉଲ୍ଲେଖନୀୟ ପ୍ରଦର୍ଶନ ଏବଂ ଅନୁକରଣୀୟ ଅବଦାନ ପାଇଁ ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା କେନ୍ଦୁଝର ଜିଲ୍ଲାକୁ ସ୍ୱୀକୃତି ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଆଜି ନୂଆଦିଲ୍ଲୀରେ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ସଚିବ ଶ୍ରୀଯୁକ୍ତ ବିଭୁ ନାୟାରଙ୍କ ଦ୍ୱାରା ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ୍ୱିଶାଲ ସିଂହ ଅତ୍ୟନ୍ତ ଗର୍ବ ଏବଂ ଆନନ୍ଦ ସହକାରେ ଏହି ସମ୍ମାନ ସମଗ୍ର କେନ୍ଦୁଝରବାସୀଙ୍କର ବୋଲି କହିଛନ୍ତି। ଏଥିସହ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ଏହି ସମ୍ମାନ ଆମର ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା ଅଧିକାରୀ ଏବଂ ସ୍ଥାନୀୟ ଅନୁଷ୍ଠାନଗୁଡ଼ିକର ସାମୂହିକ ପ୍ରୟାସର ପ୍ରମାଣ ବୋଲି କହିଛନ୍ତି। ଆହୁରିମଧ୍ୟ ଶ୍ରୀ ସିଂହ ଆଦିବାସୀ ସମ୍ପ୍ରଦାୟକୁ ସଶକ୍ତ କରିବା ଓ ଯେଉଁମାନେ ଏହାର ସର୍ବାଧିକ ଆବଶ୍ୟକତା ରଖିଛନ୍ତି ସେମାନଙ୍କୁ କିପରି ଲାଭ ମିଳିବ ତାହା ଆମର ଲକ୍ଷ୍ୟ ବୋଲି କହିଛନ୍ତି। ସୂଚନାଯୋଗ୍ୟ ଯେ, ଅନ୍ତର୍ଭୁକ୍ତିକରଣ ଶାସନର ଦୃଷ୍ଟିକୋଣ ସହିତ ସଂଯୁକ୍ତ ହୋଇ ଆଦିବାସୀ ଅଂଚଳରେ ସକ୍ରିୟ ସମାବେଶୀ ଅଂଶଗ୍ରହଣ ଏବଂ ବିକାଶର ସ୍ଥାୟୀ ମଡେଲଗୁଡ଼ିକୁ ପ୍ରୋତ୍ସାହିତ କରିବାରେ ଜିଲ୍ଲା ଉଲ୍ଲେଖନୀୟ ପ୍ରଗତି ଦେଖାଇଛି। ସ୍ୱାଧୀନତା ସଂଗ୍ରାମୀ ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ପାଇଁ ଭାରତ ସରକାରଙ୍କ ପ୍ରୟାସର ଏକ ଅଂଶ ଭାବରେ ଆରମ୍ଭ ହୋଇଥିବା ଧରତୀ ଆବା ଜନଭାଗୀଦାରୀ ଅଭିଯାନ, ଶାସନରେ ଜନଜାତି ସମ୍ପ୍ରଦାୟର ଲୋକଙ୍କ ଅଂଶଗ୍ରହଣକୁ ବୃଦ୍ଧି କରିବା ଏବଂ ଆଦିବାସୀ ଅନୁଷ୍ଠାନଗୁଡ଼ିକୁ ସୁଦୃଢ଼ ??କରିବା ପାଇଁ କାର୍ଯ୍ୟ କରୁଛି । ଏହି ପଦକ୍ଷେପ ଅଧୀନରେ, କେନ୍ଦୁଝର ଜିଲ୍ଲା ଏହାର ଲୋକାଭିମୁଖୀ ଯୋଜନା ପ୍ରଣୟନର ଆଭିମୁଖ୍ୟ, ଅଭିନବ ଯୋଜନା ଏବଂ ଆଦିବାସୀ ସମ୍ପ୍ରଦାୟ ପାଇଁ କଲ୍ୟାଣକାରୀ ଯୋଜନାର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ କରିବାରେ ସ୍ୱତନ୍ତ୍ର ଛାପ ଛାଡ଼ି ପ୍ରଶଂସା ସାଉଁଟି ପାରିଛି। ଜାତୀୟ ସ୍ତରରେ ଏଭଳି ମାନ୍ୟତା ପାଇବା ଶିକ୍ଷା, ଜୀବିକା ବୃଦ୍ଧି, ମହିଳା ସଶକ୍ତିକରଣ ଏବଂ ଡିଜିଟାଲ୍ ଅନ୍ତର୍ଭୁକ୍ତି ମାଧ୍ୟମରେ ଆଦିବାସୀ ଅଂଚଳରେ ଜୀବନର ଗୁଣବ□। ଉନ୍ନତ କରିବା ପାଇଁ କେନ୍ଦୁଝର ଜିଲ୍ଲା ପ୍ରଶାସନର ପ୍ରତିବଦ୍ଧତାକୁ ଦର୍ଶାଉଛି । ସ୍ଥାନୀୟ ପ୍ରଶାସନ, ବିଭିନ୍ନ ବିଭାଗ ଏବଂ ତୃଣମୂଳ ସ୍ତରର କର୍ମକ□ୀଙ୍କ ସମନ୍ୱିତ ପ୍ରୟାସ ଯୋଗୁଁ ଜିଲ୍ଲାର ସଫଳତା ସମ୍ଭବ ହୋଇପାରିଛି ଯେଉଁମାନେ ବିକାଶକୁ ଶେଷ ମାଇଲ ପର୍ଯ୍ୟନ୍ତ ପହଂଚାଇବା ସୁନିଶ୍ଚିତ କରିବା ପାଇଁ କାର୍ଯ୍ୟ କରିଚାଲିଛନ୍ତି। ଏହି ସଫଳତା କେବଳ କେନ୍ଦୁଝରକୁ ଜାତୀୟ ମାନ୍ୟତା ଆଣିନାହିଁ ବରଂ ଧରତୀ ଆବା ଜନଭାଗୀଦାରୀ ଅଭିଯାନ ଅଧୀନରେ ପରିକଳ୍ପିତ ଅଂଶଗ୍ରହଣମୂଳକ ବିକାଶର ପଥ ଅନୁସରଣ କରିବା ପାଇଁ ଅନ୍ୟ ଜିଲ୍ଲାଗୁଡ଼ିକୁ ପ୍ରେରଣା ପ୍ରଦାନ କରୁଛି।

## ଶିକ୍ଷୟତ୍ରୀଙ୍କ ଠାରୁ ଲୁଟ୍

କରଞ୍ଜିଆ, (ମହାଭାରତ): ଜଣେ ଶିକ୍ଷୟତ୍ରୀ ଆଜି ସ୍କୁଲ ଯିବା ସମୟରେ ରାସ୍ତାରୁ ଅଟକାଇ ବନ୍ଧୁକ ଦେଖାଇ ଭୟଭୀତ କରି ତାଙ୍କ ନିକଟରୁ ସୁନା ଚେନ ଓ କାନଫୁଲ ଦୁର୍ବୃ□ ମାନେ ଲୁଟି ନେଇଥିବାର ଅଭିଯୋଗ। ସୂଚନା ଅନୁଯାୟୀ ଠାକୁରମୁଣ୍ଡା ଥାନା ଠାକୁରମୁଣ୍ଡା ଗ୍ରାମପଂଚାୟତ ଅନ୍ତର୍ଗତ ଗୁହାଳଡିହି ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟତ୍ରୀ ସୁନିତା ବୁଲିଉଲି ଶୁକ୍ରବାର ସକାଳ ୯.୩୦ ମିନିଟ ସମୟରେ ତାଙ୍କ ଘର ଠାକୁରମୁଣ୍ଡା ନିକଟ ବାଘମୁଣ୍ଡା ଗ୍ରାମରୁ ସ୍କୁଟି ଯୋଗେ ବିଦ୍ୟାଳୟକୁ ଯାଉଥିଲେ। ଠାକୁରମୁଣ୍ଡା - ଜାମୁନାଳିଆ ପ୍ରଧାନମନ୍ତ୍ରୀ ରାସ୍ତାରୁ ଗୁହାଳଡିହି ଗ୍ରାମ ରାସ୍ତାରେ ଯାଉଥିବା ବେଳେ ତାଙ୍କୁ ପିଛା କରିଥିବା ୨ ଜଣ ଦୁର୍ବୃ□ ନିଛାଟିଆ ଜଙ୍ଗଲ ମଝିରେ ତାଙ୍କ ସ୍କୁଟିକୁ ଧକ୍କା ମାରି ଶିକ୍ଷୟତ୍ରୀଙ୍କୁ ତଳେ ପକାଇ ଦେଇଥିଲେ। ପରେ ତାଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରି ତାଙ୍କ ନିକଟରୁ ପିନ୍ଧିଥିବା ସୁନା ଚେନ ଓ ୨ ଟି କାନ ଫୁଲ ଦୁଇଟିକୁ ଛଡ଼ାଇ ନେଇଥିଲେ।

# କ୍ଲଷ୍ଟର ସ୍ତରୀୟ ଶିଶୁ ସୁରଭି ମହୋତ୍ସବ

ଦେବଗଡ, (ମହାଭାରତ): ତିଳେଇବଣି ବ୍ଲକ ସୁଗୁଡା କ୍ଲଷ୍ଟର ପକ୍ଷରୁ ଆଜି ଅପୂର୍ବ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି - ୨୦୨୫ ଅନୁଷ୍ଠିତ ହୋଇଯାଇଛି।ସ୍ଥାନୀୟ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଦମୟନ୍ତୀ ବେହେରା ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ତିଳେଇବଣି ପଂଚାୟତ ସମିତି ଅଧକ୍ଷା ବୃନ୍ଦାବତୀ ଭୋଇ , ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ ଦାଶରଥି ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ତିଳେଇବଣି ପଂଚାୟତ ସମିତି ଉପାଧାକ୍ଷା ଆରତୀ ପ୍ରଧାନ, ସମ୍ବଲପୁର ସାଂସଦ ପ୍ରତିନିଧି ଯୋଗେଶ କୁମାର ପ୍ରଧାନ , ପଂଶିକ୍ଷା ସେତୁ ସଭାପତି ଧରଣୀଧର ସାହୁ,ପରିଚାଳନା ସମିତି ସଭାପତି ଅଜୟ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କର ଅନ୍ତର୍ନିହିତ ପ୍ରତିଭା ର ବିକାଶ ପାଇଁ ସୁରଭି ସୁଯୋଗ ଆଣିଥାଏ ବୋଲି ମତବ୍ୟକ୍ତ କରିଥିଲେ। ସି. ଆର. ସି. ସି. ପ୍ରାଣବନ୍ଧୁ ଘଡେଇ ମଂ ସଂଯୋଜନା ସହ ସୁରଭି ର ଆଭିମୁଖ୍ୟ ସମ୍ପର୍କ ରେ ଆଲୋକପାତ କରାଇଥିଲେ। ସଭା ପ୍ରାରମ୍ଭରେ ସ୍ଥାନୀୟ ବିଦ୍ୟାଳୟ ଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା।ବରିଷ୍ଠ ଶିକ୍ଷକ ଭୋଲେଶ୍ୱର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପରିପ୍ରେକ୍ଷୀରେ କ୍ଲଷ୍ଟର ଅଧିନସ୍ଥ ସମସ୍ତ ବିଦ୍ୟାଳୟ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ବରିଷ୍ଠ ଓ କନିଷ୍ଠ ବର୍ଗରେ ସଂଗୀତ, ସୃଜନଶୀଳ ଲିଖନ, ଚିତ୍ରାଙ୍କନ, ସୁନ୍ଦର ହସ୍ତାକ୍ଷର, ତର୍କ, ସାଧାରଣଜ୍ଞାନ, ହସ୍ତକଳା, ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ରେ ପ୍ରଥମ ରୁ ତୃତୀୟ ଶ୍ରେଣୀ ଛାତ୍ର ଛାତ୍ରୀ ମାନେ ଗଣିତ ଦୌଡ, ଗଣିତ କୁଇଜ, ଗଳ୍ପ କଥନ, ଚିତ୍ରାଙ୍କନ ପ୍ରତିଯୋଗିତା ରେ ଭାଗ ନେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟ ରେ ଛାତ୍ର ଛାତ୍ରୀ ମାନଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ଓଡିଶା ର ଲୋକ କଳା ଆଧାର ରେ ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ବିଚାରକ ଭାବେ ଶିବାଶିଷ ଝାଙ୍କର ଓ ବିଶାଳ ନାୟକ ପ୍ରମୁଖ ଦାୟିତ୍ୱ ବହନ କରିଥିଲେ।ଉଦଯାପନୀ ଉତ୍ସବ ରେ ଆୟୋଜିତ କାର୍ଯ୍ୟକ୍ରମ ରେ ସି. ଆର. ସି. ସି. ପ୍ରାଣବନ୍ଧୁ ଘଡେଇ ଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର , ସଂମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ସାହୁ, ସାମ୍ବାଦିକ ସିଦ୍ଧାର୍ଥ ଗୁରୁ,ପ୍ରଧାନ ଶିକ୍ଷୟିତ୍ରୀ ଦମୟନ୍ତୀ ବେହେରା ଯୋଗ ଦେଇ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା ରେ ସାମନ୍ତରାପାଲି ଉଚ୍ଚ ପ୍ରାଥମିକ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ଶର୍ମା, ଗୁଣ୍ଡୁରିପୋଷି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପରମାନନ୍ଦ ବସନ୍ତରା, କଲଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ପ୍ରଧାନ , ହରିହର କିଶାନ ପୁଷ୍ପାଞ୍ଜଳି ସାହୁ, ବୈଜୟନ୍ତୀ ମାହାଣା,ଚତୁରୀ ପ୍ରଧାନ,ପ୍ରମୁଖ ଦାୟିତ୍ୱ ବହନ କରିଥିଲେ।କ୍ଲଷ୍ଟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ କୁ ସଫଳ କରିବାରେ ସକ୍ରିୟ ସହଯୋଗ କରିଥିଲେ।ପ୍ରତିଯୋଗିତା ରେ ସବ ଜୁନିଅର, ଜୁନିଅର ଓ ସିନିଅର ମୋଟ ୨୨ ଟି ବିଭାଗ ରୁ ୨୨୦ ଜଣ ଛାତ୍ର ଛାତ୍ରୀ ଭାଗ ନେଇଥିଲେ।

# ମୋବାଇଲ ଦେଖେଇବା ବାହାନାରେ ଶିଶୁକନ୍ୟାକୁ ଦୁଷ୍କର୍ମ, ୨୦ ବର୍ଷ ଜେଲ ଦଣ୍ଡାଦେଶ

କେନ୍ଦୁଝର, (ମହାଭାରତ): କେନ୍ଦୁଝର ଜିଲ୍ଲା ରୁଗୁଡ଼ି ଥାନା ଅଂଚଳରେ ୨୦୨୨ ମସିହା ଅକ୍ଟୋବର ମାସରେ ଘଟିଯାଇଥିବା ବହୁ ଚର୍ଚ୍ଚିତ ଶିଶୁକନ୍ୟା ଦୁଷ୍କର୍ମ ମାମଲାର ଶୁକ୍ରବାର ରାୟ ପ୍ରକାଶ ପାଇଛି. କେନ୍ଦୁଝର ସ୍ୱତନ୍ତ୍ର ପୋକ୍ସ କୋର୍ଟର ବିଚାରପତି ମୋନାଲିଶା ମହାନ୍ତି ମାମଲାଟିର ୧୬ ଜଣ ସାକ୍ଷୀ ଏବଂ ପ୍ରମାଣ କୁ ଭି□କରି ଅଭିଯୁକ୍ତ କୁ ୨୦ ବର୍ଷ ଜେଲ ଦଣ୍ଡାଦେଶ ସହ ୨ ହଜାର ଜୋରିମନା, ଅନାଦେୟ ଅଧିକ ୧ ବର୍ଷ ଜେଲଦଣ୍ଡ ଆଦେଶ ଦେଇଛନ୍ତି. ଏଥିସହିତ କୋର୍ଟ ପୀଡିତା ଶିଶୁ କନ୍ୟାକୁ ୧୦ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ ନିମନ୍ତେ ଆଦେଶରେ ଉଲ୍ଲେଖ କରିଛନ୍ତି. କୋର୍ଟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ରୁଗୁଡ଼ି ଥାନା ଅଂଚଳରେ ଅଭିଯୁକ୍ତ ସଚୀନ ଓରାମ(୩୭)ଏବଂ ପୀଡିତା ଶିଶୁକନ୍ୟା ପଡୋଶୀଭାବେ ବସବାସ କରନ୍ତି. ୩୧।୧୦।୨୦୨୨ରେ ପୀଡିତା ଶିଶୁକନ୍ୟା ଏବଂ ଅଭିଯୁକ୍ତ ସଚୀନ ଓରାମ ଙ୍କ ଛୋଟ ପୁଅ ଅଭିଯୁକ୍ତ ଙ୍କ ଅଗଣାରେ ସାଙ୍ଗ ହୋଇ ଖେଳୁଥିଲେ. ଏତିକିବେଳେ ଅଭିଯୁକ୍ତ ପୀଡ଼ିତାକୁ ମୋବାଇଲ ଦେଖେଇବ କହି ଘର ଭିତରକୁ ଡାକି ନେଇ ଶିଶୁ କନ୍ୟାର ଯୌନାଙ୍ଗରେ ଆଙ୍ଗୁଳି ପୁରାଇ ଦୁଷ୍କର୍ମ କରିବାକୁ ଉଦ୍ୟତ ହୋଇଥିଲା. ଏଭଳି ସ୍ଥିତିରେ ପୀଡିତାର ଯୌନାଙ୍ଗରୁ ପ୍ରବଳ ରକ୍ତ ସ୍ରାବ ହୋଇଥିଲା ଓ ପୀଡିତା ଜୋରରେ କନ୍ଦା କଟା କରିଥିଲା. ଭୟରେ ଅଭିଯୁକ୍ତ ଲୁଚିଯାଇଥିବା ବେଳେ ପୀଡିତା ଘରକୁ ଦୌଡ଼ି ଆସି ନିଜ ମାକୁ ଘଟଣା ବାବଦରେ ଜଣାଇଥିଲା. ଏବାବଦରେ ଶିଶୁର ମା ବାହାରେ ଥିବା କନ୍ୟାଟିର ବାପା ଏବଂ ବଡ ବାପାକୁ ଜଣାଇଥିଲେ. ଏବାବଦରେ ପୀଡିତାର ବଡ ବାପା ପୋଲିସରେ ଏତେଲା ଦେଇଥିଲେ. ଏତେଲା ଭି□ରେ ରୁଗୁଡ଼ି ଥାନା କେଶ ନମ୍ବର ୯୭/୨୦୨୨ ଅନୁସାରେ ମାମଲା ରୁଜୁକରି ଅଭିଯୁକ୍ତକୁ ଗିରଫ କରାଯାଇଥିଲା. ଏହି ମାମଲାର ଶୁକ୍ରବାର ସ୍ୱତନ୍ତ୍ର ପୋକ୍ସ କୋର୍ଟ ରାୟ ପ୍ରକାଶକରି ଉପରୋକ୍ତ ଦଣ୍ଡ ବିଧାନ କରିଛନ୍ତି. ସରକାରଙ୍କ ପକ୍ଷରୁ ପୋକ୍ସ କୋର୍ଟ ର ସ୍ୱତନ୍ତ୍ର ପିପି ମାମଲା ପରିଚାଳନା କରୁଥିଲେ ବୋଲି ଜଣା ପଡିଛି.

# କାଠବାରୀ ପଂଚାୟତରେ ଚକ୍ଷୁ ପରୀକ୍ଷା ଶିବିର




କେନ୍ଦୁଝର, (ମହାଭାରତ): ଗୁରୁବାର କେନ୍ଦୁଝର ଡେଭଲପମେ[ ଟ୍ରଷ୍ଟ, ପ୍ରଗତି ଫାଉଣ୍ଡେସନ ଟ୍ରଷ୍ଟ, ମଇଦାନ କେଲ ଏବଂ ଭୂମିକା ଚକ୍ଷୁ ଚିକିତ୍ସାଳୟ କେନ୍ଦୁଝର ର ମିଳିତ ଆନୁକୂଲ୍ୟରେ କାଠବାରୀ ପଂଚାୟତ କାର୍ଯ୍ୟାଳୟ ରେ ଚକ୍ଷୁ ପରୀକ୍ଷା ଶିବିର ଓ ମୋତିଆ ବିନ୍ଦୁ ଚିହ୍ନଟ ଶିବିର ଅନୁଷ୍ଠିତ ହୋଇଯାଇଛି । ସରପଂ ଶ୍ରୀମତୀ ସୁକବତି ଖଣ୍ଡେଇ ମା' ତାରିଣୀଙ୍କ ଫଟୋ ଚିତ୍ରରେ ପ୍ରଦୀପ ପ୍ରଜ୍ଜଳନ ସହ ପୁଷ୍ପ ପ୍ରଦାନ କରି ଚକ୍ଷୁ ପରୀକ୍ଷା ଶିବିରକୁ ଉଦଘାଟନ କରିଥିଲେ । ବରିଷ୍ଠ ଗାନ୍ଧୀବାଦୀ ସଂଗଠକ ତଥା କେନ୍ଦୁଝର ଡେଭଲପମେ[ ଟ୍ରଷ୍ଟ ର ସମ୍ପାଦକ ଶ୍ରୀ ଭକ୍ତବତ୍ସଳ ମହାନ୍ତି ଙ୍କ ସଂଯୋଜନାରେ ଅନୁଷ୍ଠିତ ଚକ୍ଷୁ ପରୀକ୍ଷା ଶିବିରରେ କାଠବାରୀ, ବୋଧବାହାଳି, କୁମାଳାବାହାଳି, ଖଜୁରୀପାଣି, ଲକ୍ଷ୍ମୀପୋଶି, ବାରିଗାଁ, ତୋରାଣୀପୋଖରୀ, ଜମୁନାପୋଶି, ଜଗନ୍ନାଥପୁର, ପୋଇପାଣି, ଦ୍ୱାରିକାପୋଶି ଆଦି ଗ୍ରାମରୁ ୫୨ଜଣ ବନବାସୀ ଓ ଆଦିବାସୀ ବରିଷ୍ଠ ନାଗରିକଙ୍କର ଚକ୍ଷୁ ପରୀକ୍ଷା କରାଯାଇଥିଲା । ଭୂମିକା ଚକ୍ଷୁ ଚିକିତ୍ସାଳୟର ଜୋନାଲ ମ୍ୟାନେଜର ଶ୍ରୀ କର୍ଣାଟ କିଶୋର ଜେନାଙ୍କ ତ□ାବଧାନରେ , ଅପଟମ ସ୍ୱୟଂ ସୁନ୍ଦର ମାଇତି, ବରିଷ୍ଠ ଭିଜନ ଟେକନିସିଆନ ଲାଲିମା ଜେନା, ସ୍ୱାସ୍ଥ୍ୟ ସେବିକା ଅର୍ଣ୍ଣ ପୂର୍ଣ୍ଣା ମହାନ୍ତ,ସବିତା ନାଏକ ,କ୍ଷେତ୍ରୀୟ ସଂଗଠକ ସ୍ୱରଜ କୁମାର ବାରିକ, ପ୍ରମୁଖ ୧୧ଜଣ ବରିଷ୍ଠ ନାଗରିକଙ୍କର ମୋତିଆ ବିନ୍ଦୁ ଚିହ୍ନଟ କରିଥିଲେ । ଶିବିର ସ୍ଥଳରୁ ଭୂମିକା ଚକ୍ଷୁ ଚିକିତ୍ସାଳୟର ମୋବାଇଲ ଭ୍ୟାନ ଯୋଗେ କେନ୍ଦୁଝର କୁ ଅସ୍ତ୍ରୋପଚାର ପାଇଁ ପ୍ରେରଣ କରାଯାଇଥିଲା। ତେବେ ୧୮ ଜଣ ରୋଗୀ ଙ୍କୁ ମାଗଣା ଚାଳିଶା ଚଷମା କେନ୍ଦୁଝର ଡେଭଲପମେ[ ଟ୍ରଷ୍ଟ ପକ୍ଷରୁ ବ[ନ କରାଯାଇଛି । ଏହି ଚକ୍ଷୁ ପରୀକ୍ଷା ଶିବିରକୁ ପରିଚାଳନା, ରୋଗୀ ନେବା ଆଣିବା, ଭୂମିକା ଚକ୍ଷୁ ଚିକିତ୍ସାଳୟକୁ ପଠାଇବାରେ ପ୍ରଗତା ଫାଉଣ୍ଡେସନର ସଭାପତି ଶ୍ରୀ ମନୋଜ କୁମାର ମହାନ୍ତ, ଟ୍ରଷ୍ଟି ତ୍ରିଲୋଚନ ମହାନ୍ତ, ଡମ୍ବରୁଧର ମହାନ୍ତ, ଲକ୍ଷ୍ମୀଧର ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ ।

## ନୂଆପଡା ଗସ୍ତରେ ମୁଖ୍ୟ ନିର୍ବାଚନ ଅଧିକାରୀ ଓଡ଼ିଶା ଓ ରାଜ୍ୟ ପୋଲିସ ନୋଡାଲ ଅଫିସର

ଖଡ଼ିଆଳ(ମହାଭାରତ): ନୂଆପଡା-୭୧ ନିର୍ବାଚନମଣ୍ଡଳୀରେ ଆସନ୍ତା ୧୧ ତାରିଖରେ ହେବାକୁ ଥିବା ଉପନିର୍ବାଚନ ପାଇଁ ସ୍ଥାନୀୟ ପ୍ରଶାସନିକ ପ୍ରସ୍ତୁତି, ଆଇନଶୃଙ୍ଖଳା ପରିସ୍ଥିତି ଓ ଅନ୍ୟାନ୍ୟ ବିଷୟରେ ସମୀକ୍ଷା କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ,ଓଡ଼ିଶା ଶ୍ରୀ ଆର ଏସ୍. ଗୋପାଳନ (ଭା.ପ୍ର.ସେ.), ଅତିରିକ୍ତ ଡି.ଜି.ପି ତଥା ରାଜ୍ୟ ପୋଲିସ ନୋଡାଲ ଅଫିସର ଶ୍ରୀ ସଞ୍ଜୟ କୁମାରଙ୍କ ସହିତ ଭାରତ ନିର୍ବାଚନ ଆୟୋଗଙ୍କ ବରିଷ୍ଠ ଅଧିକାରୀମାନେ ନୂଆପଡା ଗସ୍ତ ରେ ଆସିଥିଲେ ।ଆଜି ପୂର୍ବାହ୍ନରେ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶା ଶ୍ରୀ ଗୋପାଳନଙ୍କ ଅଧକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।

# ମଣ୍ଡସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ



ଗଣିଆ, (ମହାଭାରତ): ଛାତ୍ର ଛାତ୍ରୀ ମାନଙ୍କ ଶିକ୍ଷା ସହିତ ସଂସ୍କୃତି, ପରମ୍ପରା, ଆଦିର ବିକାଶ ନିମନ୍ତେ ରାଜ୍ୟ ସରକାର ଙ୍କ ଶିକ୍ଷା ବିଭାଗ ପକ୍ଷରୁ ଶୁକ୍ରବର ଗଣିଆ ମଣ୍ଡଳ ଶିକ୍ଷାଅଧିକାରୀଙ୍କ କାଯ୍ୟାଳୟ ପରିସରରେ ବ୍ଲକ୍ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ସିନିୟର୍, ଜୁନିଅର ଓ ସୁପର ସିନିୟର୍ ତିନୋଟି ଦଳରେ ବିଭକ୍ତ କରାଯାଇ ପ୍ରତିଯୋଗିତା ଅନୁଷ୍ଠିତ ହେଇଥିଲା । ପ୍ରତିଯୋଗୀ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ତର୍କ, ରଚନା ଲିଖନ, ଭାସନ୍ , ଚିତ୍ରାଙ୍କନ କୁଇଜ୍, ସଙ୍ଗୀତ ଓ ଦଳଗତନୃତ୍ୟ ଆଦି ପ୍ରତିଯୋଗିତା କରଯାଇଥିଲା । ସେହିପରି ଦିବ୍ୟଙ୍ଗ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ସଙ୍ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା ହେଇଥିଲା। ଏଥି ସହିତ ପ୍ରତିଯୋଗୀ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ପି ଏମ ପୋଷଣ ରେ ଚିତ୍ର କଳା ଓ ଶିଳ୍ପ କଳା ପ୍ରତିଯୋଗିତା ମଧ ହୋଇଥିଲା । ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଗୁଣାବଳିର ବିକାଶ କରିବା ପାଇଁ ସୁରଭି କାର୍ଯ୍ୟକ୍ରମ ର ମୂଳ ଲକ୍ଷ। ଶିଶୁ ମାନଙ୍କ ମଧ୍ୟରେ ଲୁକାୟିତ ହୋଇ ରହିଥିବା ଅନ୍ତର୍ନିହିତ ଗୁଣ ର ବିକାଶ ପାଇଁ କାର୍ଯ୍ୟ କ୍ରମ କରାଯାଇଥିଲା। ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରି ପ୍ରଥମ ସ୍ଥାନ ଅଧିକାର କରିଥିବା କୃତି ପ୍ରତିଯୋଗୀ ମାନେ ଜିଲ୍ଲା ସ୍ତରୀୟ ଶିଶୁ ସୁରଭି ମହୋତ୍ସବରେ ଅଂଶ ଗ୍ରହଣ କରିବେ ବୋଲି ବ୍ଲକ ଶିକ୍ଷା ଅଧିକାରୀଙ୍କ କର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି । ଦଳଗତ ନୃତ୍ୟ ପ୍ରତିଯୋଗିତାରେ ବଡଶିଲିଙ୍ଗା ଉଚ୍ଚ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନେ ଜିଲ୍ଲା ସ୍ତରୀୟ ସୁରଭି କୁ ମନୋନୀତ ହୋଇଥିବା ଜଣାପଡିଛି । ବ୍ଲକ ଶିକ୍ଷା ଅଧିକାରୀ ରବିନ୍ଦ୍ରନାଥ ରାଉତରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏଇ କାଯ୍ୟକ୍ରମରେ ମୁଖ୍ୟ ଅତିଥଭାବେ ବ୍ଲକ ଅଧକ୍ଷା ଝୁନା ଜେନା ଯୋଗଦେଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ କଂଧମାଳ ସାଂସଦଙ୍କ ବ୍ଲକ ପ୍ରତିନିଧି ଶରତ କୁମାର କର , ଜିଲ୍ଲା ପରିଷଦ ସଭ୍ୟ ନରେଶ କୁମାର ବେହେରା , ଗଣିଆ ସମିତି ସଭ୍ୟ ଫକିର ମୋହନ ଡାକୁଆ , ପି ଏମ ଶ୍ରୀ କିଶୋଚନ୍ଦ୍ର ନୋଡାଲ ବିଦ୍ୟାପୀଠ ର ପ୍ରଧାନ ଶିକ୍ଷୟତ୍ରୀ ନିହାର ବାଳା ରାଉତଙ୍କ ସମେତ ଏବିଓ ରବୀନ୍ଦ୍ରନାଥ ବେହେରା , ନିରୁପମା ମହାପାତ୍ର ଓ ବିନୋଦିନୀ ପଣ୍ଡା ଯୋଗ ଦେଇଥିଲେ। କାଯ୍ୟକ୍ରମରେ ପ୍ରଥମିକ ଶିକ୍ଷକ ସଙ୍ଘର ସମ୍ପାଦକ ସୁରେଶ୍ କୁମାର ବେହେରା , ଶିକ୍ଷକ ବାମନ ଚରଣ ବାରିକି , ସୁନୀଲ କୁମାର ସାହୁ , ଶୋଭନ ପଣ୍ଡା ପ୍ରଫୁଲ୍ଲ କୁମାର ମିଶ୍ର ବିରେନ୍ଦ୍ର କୁମର ସାହୁ , ଶୁକଦେବ ରାଉତ ଶୁଶାନ୍ତ ରଣା , ବୈଶିଧର ସାହୁ କିଶୋର ପଣ୍ଡା , ପ୍ରଶାନ୍ତ ପାଣିଗ୍ରାହୀ ନିଶାମଣି ପଣ୍ଡା କେଶବ୍ ନାୟକ ସହଯୋଗ କରିଥିଲେ ।

## ନିଶା ସେବନ ଉପରେ ଜନ ସଚେତନତା କାର୍ଯ୍ୟକ୍ରମ




ବାଲିଗୁଡା(ମହାଭାରତ): ବାଲିଗୁଡା ପୋଲିସ ପକ୍ଷରୁ ଧୂମପାନ ନିଷେଦ ଓ ନିଶା ସେବନକୁ ନା ର ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସଚେତନତା ରାଲି ବାଲିଗୁଡା ଚେକଗେଟ୍ ଠାରୁ ଆରମ୍ଭ ହୋଇ ,ବସଷ୍ଟାଣ୍ଡ ,ବଜାର ଦେଇ ଏସଡିପିଓଙ୍କ କାର୍ଯ୍ୟାଳୟ ନିକଟରେ ଶେଷ ହୋଇଥିଲା।ଏହି ନିଶା ସେବନ ନା କାର୍ଯ୍ୟକ୍ରମରେ ବାଲିଗୁଡା ଏସଡିପିଓ ରାମେନ୍ଦ୍ର ପ୍ରସାଦ,ଆଇଆଇସି,ଏ ଏସ୍ ଆଇ ଯୁଗଳ କିଶୋର ନାୟକ ସମେତ ଆଦର୍ଶ ବିଦ୍ୟାଳୟର ଛାତ୍ର ଛାତ୍ରୀ ଓ ସିଆରପିଏଫ୍ ବାଟାଲିୟନ ସମେତ ବାଲିଗୁଡା ଥାନାର ସମସ୍ତ ଷ୍ଟାଫ୍ ଯୋଗଦାନ କରିଥିଲେ ।ନିଶାପାନ,ଗୁଟଖା,ସିଗାରେଟ,ଗଞ୍ଜେଇ ,ବ୍ରାଉନସୁଗାର ଉପରେ ବାଲିଗୁଡା ଦଣ୍ଡପଦର ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଏକ ସୁନ୍ଦର ପଥପ୍ରାନ୍ତ ନାଟକ କରିଥିବା ଦେଖିବାକୁ ମିଳିଥିଲା ।ଏହି ସଚେତନତା ଦ୍ୱାରା ଆଜିର ଯୁବପିଢି ନିଶା ସେବନ କରି ଯେଉଁଭଳି ଭାବେ ଖରାପ ରାସ୍ତା ଆପଣାଇ ବିଭିନ୍ନ ପ୍ରକାର ଚୋରି ,ଡକାୟତି,ରାହଜାନି ଘଟାଇ ନିଜର ଭବିଷ୍ୟତ ନଷ୍ଟ କରୁଛନ୍ତି ସେମାନେ କିଭଳି ଭଲ ରାସ୍ତାକୁ ଆସି ନିଜର ଉଜ୍ଜ୍ୱଳ ଭବିଷ୍ୟତ ଗଢି ପାରିବେ ତାହା ଉପରେ ବାଲିଗୁଡା ଏସଡିପିଓ ମତ ରଖିଥିବା ଦେଖିବାକୁ ମିଳିଛି ।ଏଭଳି ବାଲିଗୁଡ଼ା ପୋଲିସ ର ସଚେତନତା କାର୍ଯ୍ୟକ୍ରମକୁ ସବୁ ମହଲରେ ପ୍ରଶଂସା କରାଯାଇଛି ।

## ରାଇସୁଆଁ କଲେଜ ରେ ବିଦାୟ କାଳିନ ସମ୍ବର୍ଦ୍ଧନା ସଭା

କେନ୍ଦୁଝର(ମହାଭାରତ) ରାଇସୁଆଁ କଲେଜ ର କ୍ରିଡା ଶିକ୍ଷକ ଶ୍ୟାମସୁନ୍ଦର ମହାନ୍ତ ଚାକିରୀ ରୁ ଅବସର ନେଇଥିବାରୁ ତାଙ୍କ ପାଇଁ ଗୁରୁବାରଦିନ କଲେଜ ଅଧ୍ୟକ୍ଷ ରତିନ୍ଦ୍ର ପରିଡାଙ୍କ ଅଧ୍ୟକ୍ଷତା ରେ କଲେଜ ପରିସରରେ ଏକ ବିଦାୟ କାଳିନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି । ଶ୍ୟାମଶୁନ୍ଦର କଲେଜ ଆରମ୍ଭ ହେବା ଦିନଠାରୁ ଏହି କଲେଜ ରେ କ୍ରୀଡା ଶିକ୍ଷକ ଭାବରେ କାର୍ଯ୍ୟରତ ଥିଲେ। ସେ ଯଣେ ମିଷ୍ଟଭାଷି ଓ ସ ହୃଦୟ ବ୍ୟକ୍ତି ଥିଲେ ।ଯାହାପାଇଁ ସେ ହୋଇ ଯାଇଥିଲେ ଛାତ୍ରଛାତ୍ରୀ ଙ୍କ ପ୍ରିୟର ଶ୍ୟାମସାର ପ୍ରତିଦିନ ସେ କଲେଜ କୁ ଆସିବା ସମୟରେ ଛାତ୍ରଛାତ୍ରୀ ମାନଙ୍କ ପାଖକୁ ଯାଇ ତାଙ୍କର ଭଲମନ୍ଦ ବୁଝିବା ସହ ସମାଧାନ ପାଇଁ ତାଙ୍କର ଯଥାସମ୍ଭବ ସାହାଯ୍ୟ କରିଥାନ୍ତି।ଅନ୍ୟ ସହକର୍ମୀ ମାନଙ୍କ ସମସ୍ତ କାର୍ଯ୍ୟରେ ସହଭାଗିତ ସହ କଲେଜ ର ଉତ୍ତି ମୁଳକ କାର୍ଯ୍ୟରେ ସେ ସର୍ବଦା ଆଗରେ ରହିଆସୁଥିଲେ। ତାଙ୍କର ଅବସର ରେ ଆୟୋଜିତ ବିଦାୟ କାଳିନ ସମ୍ବର୍ଦ୍ଧନା ସଭାରେ ନିଜର ବକ୍ତବ୍ୟ ରଖିବା ସମୟରେ ଅଧ୍ୟକ୍ଷ ରତିନ୍ଦ୍ର ପରିଡା ଭାବବିହ୍ୱଳ ହୋଇପଡ଼ିଥିଲେ ।

## ଜେଏସଡବ୍ଲୁ ପ୍ରକଳ୍ପ ଢ଼ିଙ୍କିଆ ଚରିଦେଶ ତଥା ରାଜ୍ୟର ଅର୍ଥନୀତି ଚେହେରା ବଦଳାଇବ




ପାରାଦୀପ (ମହାଭାରତ) ଜେଏସଡବ୍ଲୁ ପ୍ରକଳ୍ପ ଅଞ୍ଚଳ ଢ଼ିଙ୍କିଆ ରେ ପୂର୍ବ ପୁରୁଷଙ୍କ କୌଳିକ ବୃତ୍ତି ପାନ ଚାଷ ପ୍ରତି ସମ୍ପ୍ରତି ସାଧାରଣରେ ଅନାଗ୍ରହ, ଦାଦନ ସମସ୍ୟା ସମାଧାନ, ଏକ ବୃହ□ର ଅର୍ଥନୀତି ଆଡକୁ ଅଗ୍ରସର ସହ ଉତ୍ତରପିଢ଼ିଙ୍କ ସୁନେଲି ଭବିଷ୍ୟତ ପାଇଁ ଶିଳ୍ପ ପ୍ରତିଷ୍ଠା ଅବସମ୍ଭାବି ହୋଇପଡିଥିବା ବେଳେ, ଜେଏସଡବ୍ଲୁ ଉତ୍କଳ ଷ୍ଟିଲ ଲି଼ଃ କମ୍ପାନୀ ପ୍ରତିଷ୍ଠା ଅବସମ୍ଭାବି ବୋଲି ଶୁକ୍ରବାର ଦିନ ଢ଼ିଙ୍କିଆ ଗ୍ରାମପଞ୍ଚାୟତ ର ପାଟଣା ହାଟ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଢ଼ିଙ୍କିଆ ଚରିଦେଶ ଗ୍ରାମବାସୀ ମାନେ ମତ ପ୍ରକାଶ କରିଛନ୍ତି । ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ପୂର୍ବରୁ କମ୍ପାନୀ ସ୍ଥାନୀୟ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗମନାଗମନ, ନିଯୁକ୍ତି, କ୍ରୀଡା, ଦକ୍ଷତା ବିକାଶ, ମହିଳା ସଶକ୍ତିକରଣ, ଜଳ ଯୋଗାଣ, ପରିମଳ, ସାଂସ୍କୃତିକ ଓ କୃଷି ଜୀବିକା କ୍ଷେତ୍ରରେ ନିରବଛିନ୍ନ ଭାବେ ତାର ସେବା କାର୍ଯ୍ୟ ଜାରି ରଖିଛି । ଏତଦବ୍ୟତୀତ ଗ୍ରାମା□ଳର ସର୍ବାଙ୍ଗୀନ ଉନ୍ନତି ପାଇଁ କମ୍ପାନୀ ସହ ଆପୋଷ ଆଲୋଚନା ମାଧ୍ୟମରେ ସମସ୍ତ ସମସ୍ୟା ସମାଧାନ କରାଯିବ ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଗ୍ରାମବାସୀ ମାନେ ମତବ୍ୟକ୍ତ କରିବା ସହ କମ୍ପାନୀର ସେବା କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଥିଲେ। ତେବେ କିଛି ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠି ନିଜର ବ୍ୟକ୍ତିଗତ ସ୍ୱାର୍ଥ ହାସଲ କରିବା ନିମନ୍ତେ ପ୍ରକଳ୍ପ ବିରୋଧରେ ଅପପ୍ରଚାର ଚଳାଇଛନ୍ତି ଓ ସାଧାରଣରେ ବିଭ୍ରାନ୍ତୀକର ତଥ୍ୟ ଦେଇ ଗ୍ରାମବାସୀଙ୍କ ରୋଜଗାର, ଜୀବନ ଜୀବିକା ଉପରେ ନକାରାତ୍ମକ ପରିସ୍ଥିତି ସୃଷ୍ଟି କରିବାର ଅପଚେଷ୍ଟା ଚକ୍ରାନ୍ତକୁ ସମସ୍ତେ ଦୃଢ଼ ନିନ୍ଦା କରିଥିଲେ ।

## ରାଜ୍ୟ ସରକାରୀ କର୍ମଚାରୀଙ୍କ ୩ ପ୍ରତିଶତ ମହଙ୍ଗା ଭତ୍ତା ବୃଦ୍ଧି

ଅନୁଗୁଳ (ମହାଭାରତ) :ଓଡିଶା ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତକାଲି ରାଜ୍ୟ ସରକାରୀ କର୍ମଚାରୀ ମାନଙ୍କର ମହଙ୍ଗା ଭତ୍ତା ୩ ପ୍ରତିଶତ ବୃଦ୍ଧି କରିଛନ୍ତି ସରକାରୀ କର୍ମଚାରୀ ଙ୍କୁ ଦୀପାବଳି ଭେଟି ଦେଇଛନ୍ତି ମୋହନ ମାଝୀ ସରକାର ମହଙ୍ଗା ଭତ୍ତା ୫୫ ପ୍ରତିଶତ ରୁ ୫୮ ପ୍ରତିଶତ କୁ ବୃଦ୍ଧି କରାଯାଇଛି ରାଜ୍ୟର ୮ ଲକ୍ଷ ସରକାରୀ କର୍ମଚାରୀ ଓ ପେନସନ ଭୋଗୀ ଉପକୃତ ହେବେ ଜୁଲାଇ ପହିଲା ରୁ ବର୍ଦ୍ଧିତ ଅର୍ଥ ମିଳିବ ଏହାକୁ ନେଇ ସରକାରୀ କର୍ମଚାରୀ ଙ୍କ ମହଲ ରେ ଖୁସି ର ମାହୋଲ ଖେଳି ଯାଇଛି ମହଙ୍ଗା ଭତ୍ତା ବୃଦ୍ଧି କୁ ନେଇ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଓଡିଶା ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଙ୍କୁ ଧନ୍ୟବାଦ ଦେବା ସହ କୃତଜ୍ଞତା ଜଣାଇଛନ୍ତି

## ବେଆଇନ ବାଲି ପରିବହନ ପ୍ରସଙ୍ଗ

# ଉପଜିଲ୍ଲାପାଳଙ୍କ ଅଫିସ ଆଗରେ ଗ୍ରାମବାସୀଙ୍କ ଧାରଣା

ହାଟଡିହି,(ମହାଭାରତ)- ବାଲିଘାଟରୁ ବେଆଇନ ଭାବେ ବାଲି ପରିବହନକୁ ବିରୋଧ କରି ଆନନ୍ଦପୁର ଉପଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଶୁକ୍ରବାର ଶତାଧିକ ଗ୍ରାମବାସୀ ଧାରଣାରେ ବସିଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ କେନ୍ଦୁଝର ଜିଲ୍ଲା ହାଟଡିହି ତହସିଲ ଅନ୍ତର୍ଗତ ଆମ୍ବୋ ପଞ୍ଚାୟତ କରଗୋଳା ଗ୍ରାମ କୁ ଲାଗିଥିବା ବୈତରଣୀ ନଦୀର ବାଲି ଘାଟରୁ ବେଆଇନ ଭାବେ ବାଲି ଉତ୍ତୋଳନ ଏବଂ ପରିବହନ କରାଯାଉଛି । ବାଲିଘାଟ ପାଇଁ ଗ୍ରାମବାସୀଙ୍କ ଦ୍ୱାରା ସୃଷ୍ଟି କରାଯାଇଥିବା ଶତାଧିକ ବଡ଼ ଗଛ କୁ କାଟି ଦିଆଯାଇଛ। ଘଟଣାକୁ ନେଇ ଜିଲାପାଳଙ୍କ ଠାରୁ ଆରମ୍ଭ କରି ଜିଲ୍ଲା ଖଣି ବିଭାଗ ଅଧିକାରୀ ଓ ସ୍ଥାନୀୟ ପ୍ରଶାସନ କୁ ଅବଗତି କରାଯାଇଥିଲା । କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ । ଦୁଇ ଦିନ ଦିନ ପୂର୍ବେ ତହସିଲଦାରଙ୍କ ସମେତ ଖଣି ବିଭାଗ ଅଧିକାରୀ ମାନେ ସମ୍ପୃକ୍ତ ବାଲି ଘାଟ ନିକଟକୁ ଯାଇ ଟ୍ରେ□



ଖୋଳିବା ପାଇଁ ଆୟୋଜନ କରିବା ସହିତ ଚରୋଟି ହାଇୱା ସିଜ କରିଥିଲେ ମଧ ଗାଡି ଗୁଡିକୁ ଛାଡି ଦେଇଥିଲେ । ଟ୍ରେ□ ମଧ ଖୋଳା ଗଲାନାହିଁ । ଫଳରେ ପୂର୍ବ ନିଷ୍ପତି ଅନୁସାରେ ଉପଜିଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଧିଷ୍ଟ ସମୟ ପାଇଁ ଧାରଣା ରେ ବସିବାକୁ ନିଷ୍ପତି ନେଇଛୁ । ଆନନ୍ଦପୁର ଉପଜିଲାପାଳ ନୀଳ ମାଧବ ସୁନା କହିଛନ୍ତି ଯେ ପ୍ରଶାସନିକ ସ୍ତରରେ ଏକ ଟିମ ଗଠନ କରାଯାଇ ବାଲି ମାଫିଆଙ୍କ ବିରୁଦ୍ଧରେ ଗ୍ରହଣ କରାଯିବ । ଆଉ ଏକ ଗୁରୁତ୍ୱପୂର୍ଣ କଥା ହେଉଛି ଦିନକୁ ଦିନ ସମଗ୍ର ଆନନ୍ଦପୁର ଉପଖଣ୍ଡ ରେ ବେଆଇନ ବାଲି ପରିବହନ ହେଉଛି । ଯିଏ ଯେଉଁଠୁ ପାରିଲା ବାଲି ଉଠାଣ ଏବଂ ପରିବହନ କରୁଛି ।ଫଳରେ ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉଥିବା ବେଳେ ସରକାରୀ ବାବୁ ମାନେ ପକେଟ ଗରମ ସହ ନିଶରେ ଜଡ଼ା ତେଲ ମାରି ବୋବାଲ କରୁଛନ୍ତି ।ଏହି ବାଲି ଚୋରା ଚାଲାଣରେ ବିଭିନ୍ନ ରାଜନୈତିକ ଦଳର ହେବି ୱେଟ ନେତା ଏବଂ ତାଙ୍କ ପୁଅ, ସମ୍ପର୍କୀୟ ମାନେ ମୁଖ୍ୟ ପୁରୋଧା ସାଜିଛନ୍ତି । ସରକାରୀ ବାବୁ, ନେତା ମାନେ ମିଶି ଗଲା ପରେ ପରିସ୍ଥିତି କଣ ଥିବ ତାହା ସମସ୍ତଙ୍କୁ ଜଣା ।

## ଭଟାଙ୍ଗପଦର କ୍ଲଷ୍ଟର ସ୍ତରୀୟ ସୁରଭି -୨୦୨୫ ପାଳିତ



ଭବାନୀପାଟଣା, (ମହାଭାରତ) କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍ ଭଟାଙ୍ଗପଦର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଭଟାଙ୍ଗପଦର କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବରେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ ଲିଖନ, କୁଇଜ୍, ବିତର୍କ, ଚିତ୍ରାଙ୍କନ, ସୃଜନଶୀଳ ଲିଖନ, ସଙ୍ଗୀତ, ବକ୍ତୃତା, ଓଡ଼ିଆ ହସ୍ତାକ୍ଷର ଓ ଶୃତଲିଖନ, ପି.ଏମ ପୋଷଣ, ଚିତ୍ରାଙ୍କନ ଓ ଶିଳ୍ପକଳା, ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଜୟୀ ଛାତ୍ରଛାତ୍ରୀ ମାନଙ୍କୁ ଟ୍ରଫି ସହ ମାନପତ୍ର ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ପୁରସ୍କୃତ ପ୍ରଧାନଶିକ୍ଷକ ଆଦିତ୍ୟ କୁମାର ପଣ୍ଡାଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମନୋଜ କୁମାର ସାହୁଙ୍କ ଶିକ୍ଷା ଓ ଶିକ୍ଷାୟତନକୁ ପ୍ରୋତ୍ସାହନ ଉଦ୍ଦେଶ୍ୟରେ ବିଭିନ୍ନ ମାନଦଣ୍ଡକୁ ଆଧାର କରି କ୍ଲଷ୍ଟରର ସର୍ବୋତ୍ତମ ବିଦ୍ୟାଳୟ ଭାବେ ସରକାରୀ ପ୍ରାଥମିକ ବିଦ୍ୟାଳୟ ସାନକାର୍ଲିକୁ ଚୟନ କରିଥିଲେ। ଉପସ୍ଥିତ ମଞ୍ଚାସୀନ ସମସ୍ତ ଅତିଥିଙ୍କ ଦ୍ୱାରା ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରବୀଣ ତାଣ୍ଡି ଓ ସହଶିକ୍ଷକ ଦନାର୍ଦ୍ଦନ ମିଶ୍ରଙ୍କୁ ଉପଢୌକନ ସହ ମା ମାଣିକେଶ୍ୱରୀଙ୍କ ଫୋଟଚିତ୍ର ଓ ଟ୍ରଫି ପ୍ରଦାନ କରି ସମ୍ମାନିତ କରିଥିଲେ। ଭଟାଙ୍ଗପଦର୍ କ୍ଲଷ୍ଟର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମନୋଜ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ଼ ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଋଷିଆ ମେହେର ଯୋଗଦାନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ଓ.ସେ.ପା ଭୁବନେଶ୍ୱର ବର୍ଣ୍ଣାଳୀ ମୁଖ୍ୟ ସ୍ୱାହା ଦାସ୍,ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଦ୍ଧଳଦେବ ମୁଣ୍ଡ୍ , ଭଟାଙ୍ଗପଦର ଗ୍ରାମପଞ୍ଚାୟତ ସମିତି ସଭ୍ୟ ରୁପେନ୍ଦ୍ର ଛତ୍ରିଆ, ସରପଞ୍ଚ ଶ୍ରୀମତୀ ଦଶମୀ ମାଝୀ, ଭଟାଙ୍ଗପଦର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ଲିଳୀମା ମଞ୍ଜରୀ ସୁନାନୀ, ଗୁଣ୍ଡୁରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୁଣନିଧି ସାହୁ ଏବଂ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ଶିକ୍ଷୟତ୍ରୀ ଯୋଗଦାନ କରିଥିଲେ। ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶିବ ପ୍ରସାଦ ଦାଶ ଏବଂ ଭଟାଙ୍ଗପଦର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟତ୍ରୀ ସୁଶ୍ରୀ ପ୍ରଜ୍ଞା ପ୍ରିୟଦର୍ଶିନୀ ଶତପଥି ମଞ୍ଚ ପରିଚାଳନା କରିଥିବାବେଳେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମନୋଜ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ଶିକ୍ଷକ କେଦାରନାଥ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଦୂର୍ବାଦଳ ପଟେଲ, ହିମାଂଶୁ ଶେଖର ମେହେର, ତୁଳାରାମ ମାଝୀ ସମେତ ଉପସ୍ଥିତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ସୁରଭି କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।

## କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

ଲାଞ୍ଜିଗଡ଼,(ମହାଭାରତ):ଆଜିର ଦିନରେ ପାଠ ସହିତ ସାଠର ଆବଶ୍ୟକତା ବହୁତ ବେଶି। କୁନି କୁନି ଶିଶୁ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାର ସନ୍ଧାନ ଓ ତାହାର ବିକାଶ ଦିଗରେ ଶିଶୁ ମହୋତ୍ସବ ସୁରଭି ଏକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି। ଏହାରି ମାଧ୍ୟମରେ କୋମଳମତି ଛାତ୍ରଛାତ୍ରୀମାନେ ସେମାନଙ୍କ ଅନ୍ତର୍ନିହିତ ଗୁଣାବଳୀର ପରିପ୍ରକାଶ ସହିତ ମଞ୍ଚରେ ନିଜର କଳା, ସଂସ୍କୃତି ଓ ପରମ୍ପରାକୁ ଉପସ୍ଥାପନା କରିବାର ସୁଯୋଗ ପାଇପାରୁଛନ୍ତି ବୋଲି କହିଛନ୍ତି ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ଋଷିଆ ମେହେର। ଆଜି ଲାଞ୍ଜିଗଡ଼ ବ୍ଲକ ଗୋବର୍ଦ୍ଧନପୁର କ୍ଲଷ୍ଟର ଅନ୍ତର୍ଗତ ଗୋବର୍ଦ୍ଧନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଅନୁଷ୍ଠିତ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି -୨୦୨୫ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ମେହେର ଏହା କହିଛନ୍ତି। ଗୋବର୍ଦ୍ଧନପୁର କ୍ଲଷ୍ଟର ସଂଯୋଜକ କୁମାର ଗୌରବ ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ମହୋତ୍ସବରେ ବିଶିଷ୍ଟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଢଳଦେବ ମୁଣ୍ଡ,, ସମ୍ମାନିତ ଅତିଥି ଭାବେ ଗୋବର୍ଦ୍ଧନପୁର ସରପଞ୍ଚ ବୈଦେହୀ ମାଝୀ, କଦମ୍ବଗୁଡ଼ା ସରପଞ୍ଚ ସନ୍ତୋଷ ମାଝୀ, କ୍ଲଷ୍ଟର ସଂଯୋଜକ ସୌଭାଗ୍ୟ କୁମାର ସାହୁ, ମନୋଜ ସାହୁ, ଦୁଃଖିଶ୍ୟାମ ବାରିକ, ପ୍ରକାଶ ପ୍ରଧାନ, ସାମ୍ବାଦିକ ସୁଶୀଲ କୁମାର ବାଗ, ନୀଲେଶ କୁମାର ନାଗ, ଗୋପାଳଦାସ ମହାନନ୍ଦ ପ୍ରମୁଖ ଯୋଗ ଦେଇଥିଲେ। ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଞ୍ଜନ କୁମାର ବୁଢ଼ିଆ ସ୍ୱାଗତ ଅଭିଭାଷଣ



ଦେଇଥିବାବେଳେ ବରିଷ୍ଠ ଶିକ୍ଷକ ତପନ କୁମାର ଭୋଇ ସଭା ପରିଚାଳନା କରିଥିଲେ। ଏହି ଅବସରରେ କ୍ଲଷ୍ଟର ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରେ ଶିକ୍ଷାଦାନ କରୁଥିବା ବରିଷ୍ଠ ଶିକ୍ଷକ ଚିନ୍ତାମଣି ବିଶ୍ୱାଳ, ଶରତଚନ୍ଦ୍ର ସାହାଣୀ, ସୁରେନ୍ଦ୍ର ବିଶ୍ୱାଳ, ନୀଳାମ୍ବର ସରାଫଙ୍କୁ ମାନପତ୍ର ସହିତ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଶ୍ରେଷ୍ଠ ବିଦ୍ୟାଳୟ ଭାବେ କାଠସମା ତଳପଡା ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ନାୟକ ମୁଖ୍ୟଅତିଥିଙ୍କଠାରୁ ମାନପତ୍ର ଓ ଉପଢୌକନ ଗ୍ରହଣ କରିଥିଲେ। ସେହିପରି ବିଭିନ୍ନ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସେହିପରି ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବିଚାରକ ଭାବେ ପ୍ରମୋଦ ପରିଡ଼ା, ସନ୍ତୋଷ ପାତ୍ର, ମଧୁସୂଦନ ରାଉତ ଦାୟିତ୍ୱ ତୁଲାଇଥିଲେ।

## ଜିଲ୍ଲାରେ ତମାଖୁ ମୁକ୍ତ ଯୁବ ଅଭିଯାନ ୩.୦ ର ଶୁଭାରମ୍ଭ



ମାଲକାନଗିରି, (ମହାଭାରତ):ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ ଆରମ୍ଭ ହୋଇଥିବା ତମାଖୁ ମୁକ୍ତ ଯୁବ ଅଭିଯାନ ୩.୦ ଅଭିନବ ପଦକ୍ଷେପର ଶୁଭାରମ୍ଭ ହୋଇଯାଇଛି । ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ଓ ପୋଲିସ ପ୍ରଶାସନ ନିଜ ଭିତରେ ସମନ୍ୱୟ ରକ୍ଷା କରି ଜନସାଧାରଣଙ୍କ ମଧ୍ୟରେ ତମାଖୁର କ୍ଷତିକାରକ ପ୍ରଭାବ ବିଷୟରେ ବିଶେଷ ସଚେତନତା ସୃଷ୍ଟି କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ତମାଖୁ ମୁକ୍ତ ଶିକ୍ଷାନୁଷ୍ଠାନ ଓ କୋଟପା ଆଇନର ସକ୍ରିୟ ଅନୁପାଳନ ସୁନିଶ୍ଚିତ କରିବା ସହିତ ଜିଲ୍ଲାରେ ତମାଖୁ ମୁକ୍ତ ଗ୍ରାମ ଗଠନ ପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମଧ୍ୟ ଜିଲ୍ଲାପାଳ ସୂଚନା ଦେଇଛନ୍ତି । ସେହିପରି ସୋସିଆଲ ମିଡିଆ ପ୍ଲାଟଫର୍ମ ମାଧ୍ୟମରେ ବିଶେଷକରି ୭ ରୁ ୧୨ ବର୍ଷ ଓ କଲେଜ ପଢୁଥିବା ଯୁବପୀଢିଙ୍କ ମଧ୍ୟରେ ତମାଖୁ ବିରୋଧୀ ସଚେତନା ସୃଷ୍ଟି କରିବାର ଆବଶ୍ୟକତା ରହିଛି ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀ ଡ଼ା ଡୋଳାମଣି ପ୍ରଧାନ, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ଼ା ଏମ୍.ଏମ୍. ଆବିଦ ହୁସେନ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ( ପରିବାର କଲ୍ୟାଣ) ଡ଼ା ନିହାର ରଞ୍ଜନ ପ୍ରହରାଜ, ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ, ଜିଲ୍ଲା ଶିକ୍ଷା ଅଧିକାରୀ ଚି□ରଞ୍ଜନ ପାଣିଗ୍ରାହୀ,ମାଲକାନଗିରି ଆଦର୍ଶ ଥାନାଧିକାରୀ ରିଗାନ୍ କିଣ୍ଡୋ, ଅଭିଯୋଗ ଶାଖା ଅଧିକାରୀ ରମେଶ,ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର ସେଠୀ, ଶ୍ରମ ଅଧିକାରୀ ଶ୍ରୀମତି ଡୁରୁକା, ଡିପିଏମ୍ ଏନ୍‌ଏଚ୍‌ଏମ୍ ଡ଼ଃ ମୌସୁମୀ ମିଶ୍ର, ଏପିଡେମିଓଲୋଜିଷ୍ଟ ଡା. ଡି ପି ରାଜ୍ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।ଏହି କାର୍ଯ୍ୟକ୍ରମ କୁ ଶିବ ସୁନ୍ଦର ପାଣିଗ୍ରାହୀ ପରିଚାଳନା କରିଥିଲେ। ଏହି ଅଭିଯାନ ମାଧ୍ୟମରେ ଜିଲ୍ଲାରେ ତମାଖୁ ବିରୋଧୀ ଆନ୍ଦୋଳନକୁ ଅଧିକ ସକ୍ରିୟ ଓ ପ୍ରଭାବଶାଳୀ କରିବା ପାଇଁ ଲକ୍ଷ୍ୟ ରଖାଯାଇଛ।

## କଙ୍କଡାଝର ଗାଁ ରେ ଫୁଟିଲା ବ୍ରହ୍ମକମଳ ଫୁଲ



ଦାନଗଦୀ: (ମହାଭାରତ)ଦାନଗଦୀ ବ୍ଲକ ଅନ୍ତର୍ଗତ ରାଣୀପଡ଼ା ପଞ୍ଚାୟତର କଙ୍କଡାଝର ଗାଁର କୁଶ ପେରେଇ ଙ୍କ ପୁଅ ରଞ୍ଜନ ପେରାଇ ଙ୍କ ଘର ବାଡ଼ିରେ ବ୍ରହ୍ମକମଳ ଫୁଲ ରାତିରେ ଫୁଟିଥିବାର ଦେଖିବାକୁ ତାଙ୍କ ଘର ଲୋକେ ପାଇଥିଲେ, ଏହି ଖବର ପ୍ରଚାରିତ ହେବା ପରେ ଆଖପାଖରେ ଥିବା ରାଣୀପଡ଼ା, ଦାନଗଦୀ, ମୂଳାସାର, ଗଳିଆଛନ୍ଦା ଗାଁ ର ଶତାଧିକ ଲୋକମାନେ ଦେଖିବା ପାଇଁ ଭିଡ଼ ଜମାଇ ଥିଲେ, ତାପରେ ବ୍ରହ୍ମକମଳ ଫୁଲ ଟିକୁ ପୂଜାପାଠ କରି ଭୁବନେଶ୍ୱର ସ୍ଥିତ ବାବା ଲିଙ୍ଗରାଜ ଙ୍କ ମନ୍ଦିର କୁ ପଠାଇଦିଆଯାଇଛି, ଏ ଖୁସି ଖବର ପରେ ଗାଁ ରେ ପରିବାର ରେ ଖୁସିର ଲହରୀ ଖେଳି ଯାଇଛି।

## ପାରାଦୀପ କଳିଙ୍ଗ ବାଲିଯାତ୍ରା ମହୋତ୍ସବ ର ଭୂମି ପୂଜା ଅନୁଷ୍ଠିତ



ପାରାଦୀପ (ମହାଭାରତ): ଆସନ୍ତା ନଭେମ୍ବର ୪ ତାରିଖରେ ପାରାଦୀପ ବେଳାଭୂମିରେ ଆରମ୍ଭ ହେବାକୁ ଯାଉଥିବା କଳିଙ୍ଗ ବାଲିଯାତ୍ରା ମହୋତ୍ସବର ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ପାଇଁ ଶୁକ୍ରବାର ସକାଳେ ଭୂମି ପୂଜା କାର୍ଯ୍ୟ ସମ୍ପର୍ଣ୍ଣ ହୋଇଛି । ଏହି ପୂଜାରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ତଥା କଳିଙ୍ଗ ବାଲିଯାତ୍ରା କମିଟିର ଉପାଧ୍ୟକ୍ଷ ନିରଞ୍ଜନ ବେହେରା କର୍ତ୍ତା ଭାବେ ରୀତିନୀତିରେ ଯୋଗଦାନ ପୂର୍ବକ କାର୍ଯ୍ୟାରମ୍ଭ ପାଇଁ ବାଉଁଶ ପୋତିଥିଲେ । ଏହି କାର୍ଯ୍ୟକ୍ରମରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱଳ, ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା,ଶିଳ୍ପ ମନ୍ତ୍ରୀଙ୍କ ପାରାଦୀପ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂହ, ପୋଲିସ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସ୍ମୃତି ରଞ୍ଜନ କର,ବାଲିଯାତ୍ରା କମିଟି ସଦସ୍ୟ ସୁମନ୍ତ ବିଶ୍ୱାଳ, ମାୟାଧର ରାଉତ,ସବିତା ମହାପାତ୍ର,ପ୍ରଦୀପ କୁମାର ସାହୁ,ପାରିଷଦ ସୁବ୍ରତ ପ୍ରଧାନ,କେ.ଜଗନ୍ନାଥ ରାଓ,ଅଜିତ ଷଡ଼ଙ୍ଗୀ, ପ୍ରତାପ ନାୟକ, ପ୍ରଭାତୀ ନାୟକ, ସଂଘମିତ୍ରା ସ୍ୱାଇଁ, ସୌଦାମିନ ସାହୁ, ବନିତା ରାଉତ,ସୁଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଏହି ସମସ୍ତ ମାଙ୍ଗଳିକ ପୂଜାର୍ଚ୍ଚନା କାର୍ଯ୍ୟକୁ ପଣ୍ଡିତ ମାର୍କଣ୍ଡ ଆଚାର୍ଯ୍ୟ ଓ ଇନ୍ଦ୍ରଜିତ ଆଚାର୍ଯ୍ୟ ସଫଳତାର ସହ ସମ୍ପାଦନ କରିଥିଲେ। ଏହି ମହୋତ୍ସବ ନଭେମ୍ବର ୪ ରୁ ୧୦ ତାରିଖ ଦୀର୍ଘ ସପ୍ତାହ ବ୍ୟାପି ଚାଲିବ। ଚଳିତ ବର୍ଷ ଏହି ମହୋତ୍ସବ କୁ ଆକର୍ଷଣୀୟ କରିବାକୁ ବାଲିଯାତ୍ରା କମିଟି ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଥିବା ନେଇ ବାଲିଯାତ୍ରା କମିଟି ଉପାଧ୍ୟକ୍ଷ ଶ୍ରୀ ବେହେରା ଏବଂ ପୌରାଧ୍ୟକ୍ଷ ଶ୍ରୀ ବିଶ୍ୱାଳ ସୂଚନା ଦେଇଛନ୍ତି ।

## କିଛି କାଉନସିଲରଙ୍କ ୧୩ଦଫା ଦାବିରେ ଶାନ୍ତିପୂର୍ଣ୍ଣ ଧାରଣା

ଦଶପଲ୍ଲା,(ମହାଭାରତ): ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ପରିଷଦର କିଛି କାଉନସିଲର ଭାଇ ଭଉଣୀ ୧୩ଦଫା ଦାବିରେ ଆଜି ଏନ ଏ ସି କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଛନ୍ତି। କାଉନସିଲରମାନଙ୍କ ୧୩ଦଫା ଦାବିରେ ଥିଲା -ଦୋକାନ ଗୃହ ପ୍ରଦାନ, ରାସନ କାର୍ଡ ପ୍ରଦାନ, କାର୍ଯ୍ୟର ଟେଣ୍ଡର, ୬ନମ୍ବର ୱାର୍ଡ଼ ରେ ଥିବା ସ୍ମାର୍ଟ ପାର୍କ, ୱେଲକମ ଗେଟ ଭଳି ଅନେକ ଉନ୍ନତି ମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଲାଗି ଧାରଣା ଦେଇଥିଲେ। ଧାରଣାରେ ଅଂଶଗ୍ରହଣ କରୁଥିବା କାଉନସିଲରମାନେ କହିଲେ, ଆମେ ଜନସମସ୍ୟା ନେଇ ଦୀର୍ଘଦିନ ଧରି ପ୍ରଶାସନକୁ ଅବଗତ କରୁଥିଲୁ କିନ୍ତୁ କୌଣସି ସୁଫଳ ମିଳିଲାନାହିଁ। ଶାନ୍ତି ଓ ଶୃଙ୍ଖଳା ସହିତ ଧାରଣା ଦେଇଥିଲେ। ଅଧିକାରୀଙ୍କ ପକ୍ଷରୁ ଦାବିଗୁଡ଼ିକୁ ସଠିକ ଭାବେ ଆବଶ୍ୟକ ପଦକ୍ଷେପ ନେବା ନିଶ୍ଚୟ କରାଯାଇଛି।ସ୍ଥାନୀ। ଅଞ୍ଚଳରେ ଏହି ଧାରଣାକୁ ନେଇ ଅନେକ ଆଲୋଚନା ଚାଲିଛି। କଥା ଉଠୁଛି ୧୩ଦଫା ଦାବିଗୁଡିକ ପୂର୍ବ ବିଜେଡ଼ି ସରକାରଙ୍କ ସମୟର। ବିଜେଡ଼ି ସମର୍ଥିତ ହୋଇଥିବାରୁ ସେତେବେଳେ ଏହି ଦାବିଗୁଡିକ ଉପସ୍ଥାପନ କରିପାରୁନଥିଲେ।ଏବେ ନୂତନ ବିଜେପି ସରକାର ଆସିଥିବାରୁ ଏଭଳି ପରିସ୍ଥିତି ଘଟିଛି। ଏହାକୁ ଅନ୍ୟ ୯ଜଣ କାଉନସିଲର ବିରୋଧ କରିବା ସହିତ ସହଯୋଗ କରିନଥିଲେ।

# ଭାରତ-ଅଷ୍ଟ୍ରେଲିଆ ଫାଇନାଲ



ଜୋହର ବାହରୁ, ୧୭।୧୦: ଭାରତ ସୁଲ୍‌ତାନ ଜୋହର କପ୍ ଜୁନିୟର ପୁରୁଷ ହକିର ଶେଷ ଗ୍ରୁପ୍ ମ୍ୟାଚରେ ମାଲେସିଆକୁ ୨-୧ ଗୋଲ୍‌ରେ ପରାସ୍ତ କରିଛି ।ଶୁକ୍ରବାର ଖେଳାଯାଇଥିବା ଏହି ମ୍ୟାଚରେ ଭାରତ ପକ୍ଷରୁ ଗୁର୍‌ଜୋତ ସିଂ(୨୨ତମ ମିନିଟ) ଓ ସୌରଭ ଆନନ୍ଦ କୁଶାଓ୍ୱା (୪୮ତମ) ଦୁଇଟି ପେନାଲ୍ଟି କର୍ନରକୁ ଗୋଲ୍‌ରେ ରୂପାନ୍ତରିତ କରିଥିଲେ ।

ମାଲେସିଆ । ପକ୍ଷରୁ ଏକମାତ୍ର ଗୋଲ୍ ନାଭିନେଶ ପାନିକର ଖେଳର ୪୩ତମ ମିନିଟ୍‌ରେ ସ୍କୋର କରିଥିଲେ । ଏହି ବିଜୟ ଦ୍ୱାରା ଭାରତ ଶନିବାର ଅଷ୍ଟ୍ରେଲିଆ ବିପକ୍ଷରେ ଫାଇନାଲ ଖେଳିବା ଲାଗି ଯୋଗ୍ୟ ବିବେଚିତ ହୋଇଛି । କେବଳ ସେତିକି ନୁହେଁ, ସୁଲ୍‌ତାନ ଜୋହର କପ୍‌ରେ ଏପର୍ଯ୍ୟନ୍ତ ସୁଦ୍ଧା ୧୨ଥର ଅଂଶଗ୍ରହଣ କରି ଭାରତ ରେକର୍ଡ ୮ମ ଥର ଫାଇନାଲକୁ ଉନ୍ନୀତ ହେବାରେ ସମର୍ଥ ହୋଇଛି ।

## ଜେଏମ୍‌ଏମ୍‌କୁ ହରାଇଲା ଏସ୍‌ଆର୍


ରାଇରଙ୍ଗପୁର/ଗୋରୁମହିଷାଣୀ: ମୟୂରଭଂଜ ଜିଲ୍ଲା ରାଇରଙ୍ଗପୁର ବ୍ଲକ୍ ଗୋରୁମହିଷାଣୀ ନିକଟସ୍ଥ ଜାମବଣୀ ଗ୍ରାମରେ ଜେସିସି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ଜେଏମଏମ୍ ୧୧ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୪ ଓ୍ୱିକେଟ ହରାଇ ୧୩୮ ରନ୍ କରିଥିବା ବେଳେ ଏସଆର୍ କିଙ୍ଗ ଟିମ୍ ୯.୩ ଓଭରରେ ୩ ଓ୍ୱିକେଟ ହରାଇ ୧୩୯ ରନ୍ କରି ବିଜୟୀ ହୋଇଥିଲା । ଏସଆର୍ କିଙ୍ଗ ଟିମର ବାରିଶ୍ ହୁସେନ ୩୪ ବଲ୍ ରେ ୮୬ ରନ୍ କରି ମ୍ୟାନ ଅଫ ଦି ମ୍ୟାଚ୍ ପାଇଥିଲେ ।ଉକ୍ତ ଟୁର୍ଣ୍ଣାମେଣ୍ଟକୁ କମିଟିର ସଭାପତି ଅଭିଷେକ ବେହେରା ଓ ସମ୍ପାଦକ ଅଭିମନ୍ୟୁ ମୁଣ୍ଡା ପରି କରିଥିବା ବେଳେ ସମସ୍ତ ସଦସ୍ୟ ମାନେ ପରିଚାଳନାରେ ସହୋଯଗ କରିଥିଲେ ।




ଭାରତ-ଅଷ୍ଟ୍ରେଲିଆ ଟ୍ରଫି ଉଦ୍‌ଘାଟନ ପୂର୍ବରୁ ଭାରତ-ଅଷ୍ଟ୍ରେଲିଆର ଖେଳାଳି ।

# ମନ୍ତ୍ରୀ ହେଲେ ଜାଡେଜାଙ୍କ ପତ୍ନୀ

ଗାନ୍ଧୀନଗର, ୧୭।୧୦: ଭାରତୀୟ କ୍ରିକେଟର ରବିନ୍ଦ୍ର ଜାଡେଜାଙ୍କ ପତ୍ନୀ ରିଭାବା ଜାଡେଜା ଏବେ ଆଉ କେବଳ ଜଣେ ବିଧାୟକ ହୋଇ ନାହାଁନ୍ତି । ଜାଡେଜାଙ୍କୁ ଗୁଜୁରାଟ ସରକାରରେ ମନ୍ତ୍ରୀ ପଦ ମିଳିଛି । ରିଭାବା ଜାଡେଜାଙ୍କୁ ପ୍ରାଥମିକ, ମାଧ୍ୟମିକ ଏବଂ ବୟସ୍କ ଶିକ୍ଷା (ଶିକ୍ଷା ବିଭାଗ)ର ଦାୟିତ୍ୱ ମିଳିଛି ।ଆଉ ଏନେଇ ରବିନ୍ଦ୍ର ଜାଡେଜା ତାଙ୍କ ପତ୍ନୀଙ୍କ ଅଧିକ ସଫଳତା କାମନା କରିଛନ୍ତି ।



ସୋସିଆଲ ମିଡିଆ । ପୋଷ୍ଟ ମାଧ୍ୟମରେ ରିଭାବାଙ୍କୁ ଅଭିନନ୍ଦନ ଜଣାଇ ରବିନ୍ଦ୍ର ଜାଡେଜା ଲେଖିଛନ୍ତି, ମୁଁ ତୁମ ଉପରେ ଏବଂ ତୁମର ସଫଳତା ଉପରେ ବହୁତ ଗର୍ବିତ । ମୁଁ ଜାଣେ ତୁମେ ତୁମର ଭଲ କାମ ଦ୍ୱାରା ଲୋକମାନଙ୍କୁ ଅନୁପ୍ରାଣିତ କରିବ । ଗୁଜୁରାଟ ସରକାରରେ କ୍ୟାବିନେଟ ମନ୍ତ୍ରୀ ମୁଁ ତୁମର ସମସ୍ତ ସଫଳତା ପାଇଁ କାମନା କରୁଛି ।ରାଜନୀତି ବ୍ୟତୀତ, ରିଭାବା ପାରିବାରିକ ବ୍ୟବସାୟରେ ମଧ୍ୟ ସକ୍ରିୟ ଭାବରେ ଜଡିତ । ଜାମନଗରର ଏକ ପ୍ରସିଦ୍ଧ ରେଷ୍ଟୁରାଣ୍ଟ ଜାଡଡୁସ ଫୁଡ ଫିଲ୍ଡସରେ ତାଙ୍କର ୫୦% ଅଂଶଧନ ଅଛି । ଏହି ବ୍ୟବସାୟ କେବଳ ଆୟର ଏକ ସ୍ଥିର ଉତ୍ସ ପ୍ରଦାନ କରେ ନାହିଁ ବରଂ ରିଭାବା ଜାଡେଜାଙ୍କ ଉଦ୍ୟୋଗୀ ଦକ୍ଷତାକୁ ମଧ୍ୟ ପ୍ରଦର୍ଶନ କରେ । ଏହି ବ୍ୟବସାୟ ମାଧ୍ୟମରେ, ସେ ତାଙ୍କ ରାଜନୈତିକ କ୍ୟାରିଅର ବାହାରେ ବିବିଧତା ଆଣି ନିଜର ଆୟ ବୃଦ୍ଧି କରିଛନ୍ତି ।ରିଭାବା ଜାଡେଜା ମଧ୍ୟ ପାରିବାରିକ ସମ୍ପତ୍ତିରୁ ଆୟ କରନ୍ତି । ଏହି ସମ୍ପତ୍ତିଗୁଡ଼ିକ ମଧ୍ୟରେ ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି ଅନ୍ତର୍ଭୁକ୍ତ ନିର୍ବାଚନ ସମୟରେ ଘୋଷିତ । ଏହି ସମ୍ପତ୍ତିଗୁଡ଼ିକ ତାଙ୍କ ବ୍ୟକ୍ତିଗତ ଆୟଠାରୁ ପୃଥକ କିନ୍ତୁ ଜାଡେଜା ପରିବାରର ସାମଗ୍ରିକ ସମ୍ପତ୍ତିରେ ଯୋଗଦାନ କରେ । ଏହା ବ୍ୟତୀତ, ତାଙ୍କ ସ୍ୱାମୀ ରବିନ୍ଦ୍ର ଜାଡେଜାଙ୍କ ଆୟ ଏବଂ ନିବେଶ ପରିବାରର ଆର୍ଥିକ ସ୍ଥିତିକୁ ଆହୁରି ମଜଭୁତ କରେ ୨୦୨୨ ଗୁଜରାଟ ନିର୍ବାଚନ ସମୟରେ ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ କରାଯାଇଥିବା ଶପଥପତ୍ର ଅନୁଯାୟୀ, ସେ ବାର୍ଷିକ ୬.୨୦ ଲକ୍ଷ ଆୟ ଘୋଷଣା କରିଥିଲେ । ଏହି ଅନୁଯାୟୀ, ତାଙ୍କର ୩୪.୮୦ ଲକ୍ଷ ମୂଲ୍ୟର ସୁନା ଅଳଙ୍କାର, ୧୪.୮୦ ଲକ୍ଷ ମୂଲ୍ୟର ହୀରା ଏବଂ ପ୍ରାୟ ୮ ଲକ୍ଷ ମୂଲ୍ୟର ରୂପା ଅଳଙ୍କାର ଥିଲା ।

ରିଭାବା ମାର୍ଚ୍ଚ ୨୦୧୯ରେ ଭାଜପାରେ ଯୋଗ ଦେଇଥିଲେ ଭାଜପାରେ ଯୋଗ ଦେବା ପୂର୍ବରୁ, ରିଭାବା ରାଜପୁତ ସମ୍ପ୍ରଦାୟ ଗୋଷ୍ଠୀ, କରଣୀ ସେନାର ମହିଳା ଶାଖାର ମୁଖ୍ୟ ମଧ୍ୟ ଥିଲେ । ସେ ଜାମନଗର ଉତ୍ତର ନିର୍ବାଚନମଣ୍ଡଳୀରୁ ଭାଜପାରେ ଟିକେଟରେ ୨୦୨୨ ଗୁଜରାଟ ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ସେ ୮୮,୧୧୦ ଭୋଟ ପାଇ ବିଧାୟକ ଭାବରେ ଶପଥ ନେଇଥିଲେ ।

# ମାସର ଶ୍ରେଷ୍ଠ ଖେଳାଳି ହେଲେ ଅଭିଷେକ, ମନ୍ଧାନା

ନୂଆଦିଲ୍ଲୀ, ୧୭।୧୦: ଗତ ମାସରେ ଅନୁଷ୍ଠିତ ଏସିଆ । କପ୍-୨୦୨୫ରେ ଅଭିଷେକ ଶର୍ମାଙ୍କୁ ବର୍ଷର ଶ୍ରେଷ୍ଠ ଖେଳାଳି ଭାବରେ ସମ୍ମାନିତ କରାଯାଇଛି । ଏବେ ଆଇସିସି ତାଙ୍କୁ ଏସିସି ଟୁର୍ଣ୍ଣାମେଣ୍ଟରେ ତାଙ୍କର ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ପୁରସ୍କୃତ କରିଛି । ଆଇସିସି ସେପ୍ଟେମ୍ବର ପାଇଁ ମାସର ଶ୍ରେଷ୍ଠ ଖେଳାଳି ଘୋଷଣା କରିଛି । ଭାରତୀୟ ଖେଳାଳିମାନେ ପୁରୁଷ ଏବଂ ମହିଳା ଉଭୟ ବର୍ଗରେ ଏହି ପୁରସ୍କାର ଜିତିଛନ୍ତି । ପୁରୁଷ ବର୍ଗରେ ଅଭିଷେକ ଶର୍ମା ଆଇସିସି ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ଜିତିଛନ୍ତି ଏବଂ ମହିଳା ବର୍ଗରେ ସ୍ମୃତି ମନ୍ଧାନା ଶ୍ରେଷ୍ଠ ଖେଳାଳି ପୁରସ୍କାର ଜିତିଛନ୍ତି ।

ଏସିଆ । କପ୍ ୨୨୦୫ରେ ଅଭିଷେକ ଶର୍ମା ସାତଟି ମ୍ୟାଚ୍‌ରେ ୨୦୦ର ପ୍ରଭାବଶାଳୀ ଷ୍ଟ୍ରାଇକ୍ ରେଟ୍ ସହିତ ୩୧୪ ରନ କରିଥିଲେ । ସେ



ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ରନ ସ୍କୋରର ଥିଲେ ଏବଂ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ପୁରସ୍କାର ମଧ୍ୟ ପାଇଥିଲେ । ଯଦିଓ ସେ ଫାଇନାଲରେ ଭଲ ପ୍ରଦର୍ଶନ କରିନଥିଲେ, ଟିମ୍ ଇଣ୍ଡିଆ ଟାଇଟଲ୍ ଜିତିଥିଲା ।

ଅଭିଷେକ ଶର୍ମା ବର୍ତ୍ତମାନ ଆଇସିସି ଟି-୨୦ ବ୍ୟାଟିଂ ରାଙ୍କିଂରେ ଏକ ନମ୍ବର ସ୍ଥାନ ଅଧିକାର କରିଛନ୍ତି । ସେ ବର୍ତ୍ତମାନ ଏହି ଫର୍ମାଟରେ ସର୍ବାଧିକ ରେଟିଂ ପଏଣ୍ଟ ସହିତ ଖେଳାଳି ହୋଇଛନ୍ତି । ସେ ପୁରସ୍କାର ଜିତିବା ପାଇଁ ଜିମ୍ବାରେ ବ୍ରାଏନ୍ ବେନେଟ୍ ଏବଂ ଭାରତୀୟ ସ୍ପିନର କୁଲଦୀପ ଯାଦବଙ୍କୁ ପଛରେ ପକାଇ ଦେଇଛନ୍ତି ।ଅଭିଷେକ ଶର୍ମା କହିଛନ୍ତି, ଏହି ପୁରସ୍କାର ଜିତିବା ବହୁତ ଭଲ ଲାଗୁଛି । ମୁଁ ଖୁସି ଯେ ମୁଁ ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ପାଇଁ ଏହାକୁ ପାଇଲି । ଯେଉଁଠାରେ ମୁଁ ମୋର ପ୍ରଦର୍ଶନ ସହିତ ଯୋଗଦାନ ଦେଇପାରିଲି । ମୁଁ ଏପରି ଏକ ଦଳର ଅଂଶ ହୋଇଥିବାରୁ ଗର୍ବିତ ଯିଏ ସବୁଠାରୁ କଷ୍ଟକର ପରିସ୍ଥିତିରେ ବିଜୟ ପ୍ରଦାନ କରିପାରିବ ।

ସ୍ମୃତି ମନ୍ଧାନା ଅଷ୍ଟ୍ରେଲିଆ । ବିପକ୍ଷ ଘରୋଇ ଏକଦିବସୀୟ ସିରିଜରେ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଆଇସିସି ମହିଳା ଖେଳାଳି ଅଫ୍ ଦି ମାସ (ସେପ୍ଟେମ୍ବର ୨୦୨୫) ପୁରସ୍କାର ଜିତିଛନ୍ତି ସେ ତିନୋଟି ମ୍ୟାଚ୍ ମଧ୍ୟରୁ ଦୁଇଟିରେ ଶତକ ହାସଲ କରିଥିଲେ । ସେ ପ୍ରଥମ ମ୍ୟାଚ୍ ରେ ୫୮ ଏବଂ ଦ୍ୱିତୀୟରେ ୧୧୭ ରନ୍ କରିଥିଲେ ସେ ତୃତୀୟ ମ୍ୟାଚ୍ ରେ ୧୨୫ ରନ୍ କରିଥିଲେ । ଅଷ୍ଟ୍ରେଲିଆ । ୨-୧ରେ ସିରିଜ୍ ଜିତିଥିଲା । ସେ ସେହି ମାସରେ ଚାରୋଟି ମ୍ୟାଚ୍‌ରେ ୭୭ ହାରାହାରି ଏବଂ ୧୩୫.୬୮ ଷ୍ଟ୍ରାଇକ୍ ରେଟ୍ ସହିତ ୧୩୫.୬୮ ରନ୍ କରିଥିଲେ ।

# ଅଷ୍ଟ୍ରେଲିଆ ଦଳରୁ ବାଦ୍ ପଡ଼ିଲେ ଗ୍ରୀନ୍

ନୂଆଦିଲ୍ଲୀ, ୧୭।୧୦: ଭାରତ ବିପକ୍ଷ ତିନି ମ୍ୟାଚ୍ ବିଶିଷ୍ଟ ଦିନିକିଆ । ସିରିଜ ଠିକ୍ ପୂର୍ବରୁ ଅଷ୍ଟ୍ରେଲିଆକୁ ଲାଗିଛି ବଡ ଝଟକା । ଅକ୍ଟୋବର ୧୯ରେ ଅଷ୍ଟ୍ରେଲିଆ । ଓ ଭାରତ ମଧ୍ୟରେ ପ୍ରଥମ ଦିନିକିଆ । ମ୍ୟାଚ୍ ଖେଳାଯିବ । ମାତ୍ର ଏହା ପୂର୍ବରୁ ଦଳର ବଡ ବଡ ଖେଳାଳି ଆହତ ହେବାରେ ଲାଗିଛନ୍ତି ।ଏହି ସିରିଜ ପାଇଁ ପ୍ରଥମରୁ ଅନେକ ଖେଳାଳି ଆହତ କାରଣରୁ ଉପଲବ୍ଧ ନ ଥିଲେ । ଏବେ ଅଲରାଉଣ୍ଡର କ୍ୟାମେରୁନ ଗ୍ରୀନ ଆହତ କାରଣରୁ ଦଳରୁ ବାଦ୍ ପଡିଛନ୍ତି । ତାଙ୍କ ସ୍ଥାନରେ ମାର୍ନସ ଲାବୁସେନଙ୍କୁ ଦଳରେ ସ୍ଥାନ ମିଳିଛି ।



କ୍ୟାମେରୁନ ଗ୍ରୀନଙ୍କ ଅଣ୍ଟାରେ ଯନ୍ତ୍ରଣା କାରଣରୁ ଭାରତ ବିପକ୍ଷ ସିରିଜରୁ ବାହାରି ଯାଇଛନ୍ତି । ତାଙ୍କ ସ୍ଥାନରେ ଅଭିଜ୍ଞ ମାର୍ନସ ଲାବୁସେନଙ୍କୁ ଦଳରେ ସ୍ଥାନ ମିଳିଛି । କ୍ରିକେଟ୍ ଅଷ୍ଟ୍ରେଲିଆ । ଆସେସ ସିରିଜକୁ ଦୃଷ୍ଟିରେ ରଖି କ୍ୟାମେରୁନ ଗ୍ରୀନଙ୍କ ଆହତ ସମସ୍ୟାକୁ ଗୁରୁତର ସହ ଗ୍ରହଣ କରିଛି । ତେଣୁ ସତର୍କତାମୂଳକ ଗ୍ରୀନଙ୍କୁ ଦିନିକିଆ । ସିରିଜରୁ ବାଦ୍ ଦିଆଯାଇଛି । ଗତ ବର୍ଷ ଅଣ୍ଟାର ଅସ୍ତ୍ରୋପଚାର କରିଥିବା କ୍ୟାମେରୁନ ଗ୍ରୀନ କିଛି ସମୟ ହେବ ମଇଦାନକୁ ଫେରିଥିଲେ । ଆଉ ଏବେ ପୁଣି ଥରେ ପଡିଆରୁ ଦୂରରେ ରହିବେ ।

ଏହା ପୂର୍ବରୁ ଅଷ୍ଟ୍ରେଲିଆକୁ ନିଜ ଦଳରେ ଦୁଇଟି ପରିବର୍ତ୍ତନ କରିବାକୁ ପଡିଛି । ସ୍ପିନର ଆଡମ ଜାମ୍ପା ଓ୍ୱିକେଟ୍ କିପର ଜୋଶ ଇଂଲିଶ ମଧ୍ୟ ଆହତ କାରଣରୁ ଦିନିକିଆ । ସିରିଜର ପ୍ରଥମ ମ୍ୟାଚରେ ଉପଲବ୍ଧ ହେବେ ନାହିଁ । ଉଭୟଙ୍କ ସ୍ଥାନରେ ଜୋଶ ଫିଲିପ ଓ ମାଥ୍ୟୁ କୁହନେମନଙ୍କୁ ସ୍ଥାନ ମିଳିଛି । ତେବେ ଜାମ୍ପା ଓ ଇଂଲିଶ ଦ୍ୱିତୀୟ ମ୍ୟାଚ୍ ଖେଳିବେ । ଆହତ କାରଣରୁ ଅଧିନାୟକ ପାଟ୍ କମିନ୍ସ ଏହି ସିରିଜ୍ ପାଇଁ ପ୍ରଥମରୁ ଦଳରୁ ବାଦ୍ ପଡିଛନ୍ତି । ତାଙ୍କ ସ୍ଥାନରେ ମିଚେଲ୍ ମାର୍ଶ ଦଳର ନେତୃତ୍ୱ ନେଉଛନ୍ତି ।

**ଅଷ୍ଟ୍ରେଲିଆ:** ମିଚେଲ ମାର୍ଶ (ଅଧିନାୟକ), ଜାଭିୟର ବାର୍ଟଲେଟ୍, ଆଲେକ୍ସ କେରି, କୁପର କନୋଲି, ବେନ୍ ଦ୍ୱାରସୁଇସ୍, ନାଥନ୍ ଏଲିସ୍, ମାର୍ନସ ଲାବୁସେନ, ଜୋଶ୍ ହାଜେଲଉଡ୍, ଟ୍ରାଭିସ୍ ହେଡ୍, ମିଚେଲ ଓ୍ୱେନ, ମ୍ୟାଟ୍ ରେନଶା, ମାଥ୍ୟୁ ସର୍ଟ, ମିଚେଲ ଷ୍ଟାର୍କ, ମାଥ୍ୟୁ କୁନେମାନ, ଜୋଶ୍ ଫିଲିପ୍ ।

## ଫିଫା ବିଶ୍ୱକପ୍ ପାଇଁ ୧ ନିୟୁତ ଟିକେଟ ବିକ୍ରି

ମାୟାମି, ୧୭।୧୦(ଏଜେନ୍ସି): ଆସନ୍ତାବର୍ଷ ଉତ୍ତର ଆମେରିକାରେ ଖେଳାଯିବାକୁ ଥିବା ଫିଫା ଫୁଟ୍‌ବଲ ବିଶ୍ୱକପ୍ ପାଇଁ ଇତିମଧ୍ୟରେ ଏକ ନିୟୁତ ଟିକେଟ ବିକ୍ରି ହୋଇସାରିଲାଣି ଚଳିତ ମାସ ପ୍ରାରମ୍ଭରେ ଟିକେଟ ବିକ୍ରି ଆରମ୍ଭ ହୋଇଥିଲା । ୨୧୨ ବିଭିନ୍ନ ଦେଶର ଟିକେଟ କ୍ରେତାଙ୍କ ମଧ୍ୟରେ ଆୟୋଜକ ଦେଶ ୟୁଏସ୍, କାନାଡା ଓ ମେକ୍ସିକୋ ଫୁଟ୍‌ବଲପ୍ରେମୀ ଅଧିକ ରହିବା ସ୍ୱାଭାବିକ ଅଧିକ ଟିକେଟ ବିକ୍ରି ହୋଇଥିବା ଟପ୍ ୧୦ ଦେଶ ମଧ୍ୟରେ ସ୍ଥାନ ପାଇଥିବା ଅନ୍ୟ ୭ଟି ଦେଶ ହେଲେ ଇଂଲଣ୍ଡ, ଜର୍ମାନୀ, ବ୍ରାଜିଲ, ସ୍ପେନ, କଲମ୍ବିଆ, ଆର୍ଜେଣ୍ଟିନା ଓ ଫ୍ରାନ୍ସ ଟୁର୍ନାମେଣ୍ଟ ଜୁନ୍ ୧୧ରୁ ଜୁଲାଇ ୧୯ ପର୍ଯ୍ୟନ୍ତ ହେବ ଫେଡେରେଶନ ଅଫ୍ ଇଣ୍ଟରନ୍ୟାଶନାଲ ଫୁଟ୍‌ବଲ ଆସୋସିଏଶନ୍ସ (ଫିଫା) ତରଫରୁ ଏହି ସୂଚନା ଦିଆଯାଇଛି ।

# ରୋହିତ-କୋହଲି ୨୦୨୭ ବିଶ୍ୱକପ୍ ପର୍ଯ୍ୟନ୍ତ ଖେଳିପାରିବେ : ହେଡ

ନୂଆଦିଲ୍ଲୀ, ୧୭।୧୦: ରବିବାର ଭାରତ ବନାମ ଅଷ୍ଟ୍ରେଲିଆ । ମ୍ୟାଚ ପୂର୍ବରୁ, ଟ୍ରାଭିସ ହେଡ ଏବଂ ଅକ୍ଷର ପଟେଲ ପ୍ରେସ ପ୍ରଶ୍ନର ଉତ୍ତର ଦେବାକୁ ପହଞ୍ଚିଥିଲେ । ଯେତେବେଳେ ବିସ୍ଫୋରକ ଅଷ୍ଟ୍ରେଲୀୟ ବ୍ୟାଟ୍ସମ୍ୟାନଙ୍କୁ ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କ ଭବିଷ୍ୟତ ବିଷୟରେ ପଚରାଯାଇଥିଲା, ସେ ଏପରି କିଛି କହିଥିଲେ ଯେ ତାଙ୍କ ପାଖରେ ଠିଆ ହୋଇଥିବା ଅକ୍ଷର ପଟେଲ ମଧ୍ୟ ହସି ଉଠିଥିଲେ ।



ବିରାଟ କୋହଲି ଏବଂ ରୋହିତ ଶର୍ମା ଗତ ବର୍ଷ ଟି-୨୦ ଫର୍ମାଟରୁ ଅବସର ନେଇଥିଲେ, ଏବଂ ଗୋଟିଏ ସପ୍ତାହ ମଧ୍ୟରେ, ଉଭୟ ଏହି ବର୍ଷ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରିଥିଲେ । ଏବେ, ଉଭୟ କେବଳ ଦିନିକିଆ । ଫର୍ମାଟ ଖେଳୁଛନ୍ତି କିନ୍ତୁ ସବୁଠାରୁ ବଡ଼ ପ୍ରଶ୍ନ ରହିଛି: ସେମାନେ କଣ ୨୦୨୭ ବିଶ୍ୱକପ ପର୍ଯ୍ୟନ୍ତ ଖେଳିବେ ? ଏହି ସମୟରେ, ଅଷ୍ଟ୍ରେଲିଆ । ବିପକ୍ଷ ସିରିଜ ପାଇଁ ରୋହିତଙ୍କ ସ୍ଥାନରେ ଶୁଭମନ ଗିଲ ଖେଳିବା ମଧ୍ୟ ଅନେକ ପ୍ରଶ୍ନ ଉଠାଇଛି ଅନେକ ରିପୋର୍ଟରେ ଅଷ୍ଟ୍ରେଲିଆ । ବିପକ୍ଷ ଏହି ସିରିଜ ସେମାନଙ୍କର ଶେଷ ହୋଇପାରେ ବୋଲି ମଧ୍ୟ କୁହାଯାଉଛି ।

ଶୁକ୍ରବାର ପର୍ଥରେ ଭାରତ ବନାମ ଅଷ୍ଟ୍ରେଲିଆ । ମ୍ୟାଚ ପୂର୍ବରୁ, ଟ୍ରାଭିସ ହେଡ ଏବଂ ଅକ୍ଷର ପଟେଲ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେବା ପାଇଁ ଏକାଠି ଦେଖା ଦେଇଥିଲେ । ପ୍ରାରମ୍ଭରେ, ହେଡଙ୍କୁ ଅଧିକାଂଶ ପ୍ରଶ୍ନ ପଚରାଯାଇଥିଲା । ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କ ଭବିଷ୍ୟତ ବିଷୟରେ ପଚରାଯିବାରୁ, ସେ କହିଛନ୍ତି, ସେମାନେ ଭାରତ ପାଇଁ ଚମତ୍କାର, ମୁଁ ଭାବୁଛି ଅକ୍ଷର ସେମାନଙ୍କୁ ମୋ ଅପେକ୍ଷା ଭଲ ଭାବରେ ବର୍ଣ୍ଣନା କରିପାରିବେ କିନ୍ତୁ ଦୁଇ ମହାନ ଖେଳାଳି, ଦୁଇ ଶ୍ରେଷ୍ଠ ଧଳା ବଲ ଖେଳାଳି ବିରାଟ ହୁଏତ ଧଳା ବଲ କ୍ରିକେଟରେ ସର୍ବୋତ୍ତମ ଖେଳାଳି, ଏବଂ ରୋହିତ ବହୁତ ପଛରେ ନାହାନ୍ତି ।

ସେ ଆହୁରି କହିଛନ୍ତି, ରୋହିତ ଜଣେ ପ୍ରାରମ୍ଭିକ ବ୍ୟାଟ୍ସମ୍ୟାନ ଭାବରେ ଯାହା କରିଛନ୍ତି ତାହା ପାଇଁ ମୋର ବହୁତ ସମ୍ମାନ ଅଛି ।ତାଙ୍କୁ କେତେବେଳେ ମିସ କରାଯିବ, କିନ୍ତୁ ମୁଁ ଭାବୁଛି ସେମାନେ ଉଭୟ ୨୦୨୭ ପର୍ଯ୍ୟନ୍ତ ଖେଳିବେ । ଏହା କହିବା ସମୟରେ ସେ ଅକ୍ଷର ପଟେଲଙ୍କୁ ଦେଖିଲେ, ଏବଂ ଅକ୍ଷର ହସିଲେ ସେ ଆହୁରି କହିଲେ କି ସେମାନେ ଉଭୟ ବିଶ୍ୱକପ ପର୍ଯ୍ୟନ୍ତ ଖେଳିବାକୁ ଚେଷ୍ଟା କରୁଛନ୍ତି ।

# କ୍ରିକେଟର ଜଗତରେ ଲଜ୍ଜା : ଖେଳାଳିଙ୍କ ଉପରେ ଆକ୍ରମଣ

ନୂଆଦିଲ୍ଲୀ, ୧୭।୧୦: ଆଫଗାନିସ୍ତାନଠାରୁ ଏକଦିବସୀୟ ସିରିଜ ହାରିବା ପରେ ଘରକୁ ଫେରୁଥିବା ବାଂଲାଦେଶ ଖେଳାଳିମାନେ ପ୍ରଶଂସକଙ୍କ କ୍ରୋଧର ସମ୍ମୁଖୀନ ହୋଇଥିଲେ । ସିରିଜରେ ସେମାନଙ୍କର ପ୍ରଦର୍ଶନ ଅତ୍ୟନ୍ତ ଖରାପ ଥିଲା ଦଳ ତିନୋଟି ମ୍ୟାଚରେ ଅଲଅଉଟ ହୋଇଯାଇଥିଲା । ୟୁଏଇରେ ସିରିଜ ପରେ, ବାଂଲାଦେଶ ଖେଳାଳିମାନେ ଘରକୁ ଫେରିବା ସମୟରେ ଗାଳିଗୁଲଜର ସମ୍ମୁଖୀନ ହୋଇଥିଲେ ଦଳର ଗାଡ଼ି ଉପରେ ମଧ୍ୟ ଆକ୍ରମଣ କରାଯାଇଥିଲା । ବାଂଲାଦେଶ ଖେଳାଳି ମହମ୍ମଦ ନଇମ ଶେଖ ମଧ୍ୟ ସୋସିଆଲ ମିଡିଆରେ ଏକ ବାର୍ତ୍ତା ପୋଷ୍ଟ କରିଥିଲେ ।

ପ୍ରଥମ ଦିନିକିଆରେ ଆଫଗାନିସ୍ତାନ ବାଂଲାଦେଶକୁ ୫ ଉଇକେଟରେ ପରାସ୍ତ କରିଥିଲା । ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ୨୨୧ ରନରେ ଅଲଆଉଟ ହୋଇଥିଲା । ଦ୍ୱିତୀୟ ଦିନିକିଆରେ ଆଫଗାନିସ୍ତାନ ୧୯୦ ରନରେ ଅଲଆଉଟ ହୋଇଥିଲା, କିନ୍ତୁ ଏହି ଛୋଟ ଟାର୍ଗେଟକୁ ପିଛା କରିବା ସତ୍ତ୍ୱେ ବାଂଲାଦେଶ ୮୧ ରନରେ ହାରିଯାଇଥିଲା । ତୃତୀୟ ମ୍ୟାଚ ଆହୁରି ଲଜ୍ଜାଜନକ ଥିଲା ୧୯୪ରନର ପିଛା କରୁଥିବା ବାଂଲାଦେଶ ୯୩ ରନରେ ଅଲଆଉଟ ହୋଇଯାଇଥିଲା ।

ମହମ୍ମଦ ନଇମ ଶେଖ ସୋସିଆଲ ମିଡିଆରେ ଲେଖିଛନ୍ତି, ଆମେ କେବଳ ପଡ଼ିଆରେ ଖେଳୁନାହୁଁ, ଆମେ ଆମ ଦେଶର ନାମକୁ ଆମ ଛାତିରେ ବହନ କରୁ । ଆମ ଦେଶର ପତାକା କେବଳ ଆମ ଜର୍ସିରେ ନୁହେଁ, ଏହା ଆମ ରକ୍ତରେ ଅଛି ପ୍ରତ୍ୟେକ ବଲ, ପ୍ରତ୍ୟେକ ଦୌଡ଼ ଏବଂ ପ୍ରତ୍ୟେକ ନିଶ୍ୱାସ ସହିତ, ଆମେ ଏହି ପତାକାକୁ ଗର୍ବିତ କରିବାକୁ ଚେଷ୍ଟା କରୁ । ନଇମ ଶେଖ ଆହୁରି ଲେଖିଛନ୍ତି, କେତେବେଳେ ଆମେ ସଫଳ ହେଉଛୁ ଏବଂ କେତେବେଳେ ଆମେ ବିଫଳ ହେଉଛୁ ବିଜୟ ଏବଂ ପରାଜୟ ଅଛି; ଏହା କ୍ରୀଡ଼ାର ସତ୍ୟ ଆମେ ଜାଣୁ ଯେ ଆମର ପରାଜୟ ଆପଣଙ୍କୁ ଦୁଃଖିତ ଏବଂ କ୍ରୋଧିତ କରେ । କାରଣ ଆପଣ ଏହି ଦେଶକୁ ଆମ ପରି ଭଲ ପାଆନ୍ତି କିନ୍ତୁ ଆଜି ଆମେ ଯେଉଁ ଘୃଣାର ସମ୍ମୁଖୀନ ହେଲୁ, ଆମ ଗାଡ଼ି ଉପରେ ଆକ୍ରମଣ, ତାହା ଦୁଃଖଦ ଆମେ ମଣିଷ, ଆମେ ଭୁଲ କରୁ, କିନ୍ତୁ ଆମ ଦେଶ ପାଇଁ କେବେବି ପ୍ରେମ ଏବଂ ପ୍ରୟାସର ଅଭାବ ନାହିଁ ସବୁବେଳେ, ଆମେ ଆମ ଦେଶବାସୀଙ୍କ ମୁହଁରେ ହସ ଆଣିବାକୁ ଚେଷ୍ଟା କରୁ ।

ନଇମ ଆହୁରି ଲେଖିଛନ୍ତି, ଆମେ ଘୃଣା ନୁହେଁ, ପ୍ରେମ ଚାହୁଁ କ୍ରୋଧ ନୁହେଁ, ଯୁକ୍ତି ସହିତ ସମାଲୋଚନା କର କାରଣ ଆମେ ସମସ୍ତେ ଗୋଟିଏ ପତାକାର ସନ୍ତାନ ଜିତିବା କିମ୍ବା ହାରିବା, ଆମର ପତାକା ଆମ ସମସ୍ତଙ୍କ ପାଇଁ ଗର୍ବର ଉତ୍ସ ହେବା ଉଚିତ, କ୍ରୋଧ ନୁହେଁ ଆମେ ଲଢ଼ିବୁ ଏବଂ ପୁଣି ଉଠିବୁ ଦେଶ ପାଇଁ, ଆପଣଙ୍କ ପାଇଁ ଏବଂ ଏହି ପତାକା ପାଇଁ ।

# ସେକ୍ସ ସ୍କାଣ୍ଡାଲ୍‌ରେ ଫସିଲେ ପଲ୍ କଲିଙ୍ଗଉଡ୍

ଲଣ୍ଡନ, ୧୭।୧୦: ଇଂଲଣ୍ଡର ପ୍ରଥମ ବିଶ୍ୱକପ ବିଜେତା ଅଧିନାୟକ ଏବଂ ପୂର୍ବତନ କୋଚ ପଲ କଲିଙ୍ଗଉଡ୍ ସମ୍ପ୍ରତି ଅନେକ ବିବାଦରେ ଫସିଛନ୍ତି । ଅବସର ନେବା ପରେ ଇଂଲଣ୍ଡ କ୍ରିକେଟ ଦଳର ପ୍ରଶିକ୍ଷକ କର୍ମଚାରୀ ଭାବରେ କାର୍ଯ୍ୟ କରିଥିବା ୪୯ ବର୍ଷୀୟ ଖେଳାଳିଙ୍କୁ ଏବେ ବୋର୍ଡର ଭବିଷ୍ୟତ ଯୋଜନାରୁ ବାହାର କରିଦିଆଯାଇଛି ।

କଲିଙ୍ଗଉଡ୍ ଚଳିତ ବର୍ଷ ମେ ମାସରୁ କୌଣସି ଜାତୀୟ ପ୍ରଶିକ୍ଷକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିନାହାଁନ୍ତି ।ବ୍ୟକ୍ତିଗତ କାରଣ ଦର୍ଶାଇ ସେ ନଟିଂହାମରେ ଜିମ୍ବାବେ ବିପକ୍ଷରେ ଟେଷ୍ଟ ମ୍ୟାଚରୁ ମଧ୍ୟ ଓହରି ଯାଇଥିଲେ ।

ଏପ୍ରିଲ ୨୦୨୩ ଠାରୁ, କଲିଙ୍ଗଉଡ୍ ଯୌନ ଅଭିବୃଦ୍ଧି ଏବଂ ଅନୁପଯୁକ୍ତ ଆଚରଣକୁ ନେଇ



ବିବାଦରେ ଫସି ରହିଛନ୍ତି ।ତାଙ୍କ ସାଥୀ ଖେଳାଳି ଗ୍ରାମ ସ୍ୱାନ ଏକ ପଡକାଷ୍ଟରେ ଏକ ଅଡିଓ ରେକର୍ଡିଂ ଉଲ୍ଲେଖ କରିଥିଲେ କଥିତ ରେକର୍ଡିଂରେ କଲିଙ୍ଗଉଡ ଜଣେ ମହିଳାଙ୍କ ସହିତ ଦୀର୍ଘକାଳୀନ ସମ୍ପର୍କରେ ଥିବା ଦର୍ଶାଯାଇଛି ।ଅଡିଓ ଲିକ ହେବା କ୍ରିକେଟ ଜଗତରେ ବିତର୍କ ସୃଷ୍ଟି କରିଥିଲା । ଏହା ବ୍ୟତୀତ, ୨୦୦୭ ଟି୨୦ ବିଶ୍ୱକପ ପୂର୍ବରୁ କେପ ଟାଉନ୍‌ରେ ଇଂଲଣ୍ଡ କ୍ରିକେଟ ବୋର୍ଡ ତାଙ୍କୁ ୧,୦୦୦ ପାଉଣ୍ଡ ଜରିମାନା କରିଥିଲା । ଏହା ବ୍ୟତୀତ, ୨୦୦୨ ଆଶେସ ପରାଜୟ ପରେ, ବାରବାଡୋସ୍‌ର ଏକ ବେଳାଭୂମିରେ ଜଣେ ମହିଳାଙ୍କୁ ଚୁମ୍ବନ କରିବାର ଫଟୋ ଭାଇରାଲ ହୋଇଥିଲା, ଯାହା ବିବାଦକୁ ଆହୁରି ଖୋରାକ ଯୋଗାଇଥିଲା ।

କଲିଙ୍ଗଉଡ ମଧ୍ୟ କର ଫାଙ୍କିବାର ଗମ୍ଭୀର ଅଭିଯୋଗର ସମ୍ମୁଖୀନ ହେଉଛନ୍ତି । ଦୀର୍ଘ ତଦନ୍ତ ପରେ ରାଜସ୍ୱ ଏବଂ କଷ୍ଟମ୍ସ ତାଙ୍କୁ ୧୯୬,୦୦୦ ପାଉଣ୍ଡ (ପ୍ରାୟ ୨ କୋଟି) ଦେବାକୁ ନିର୍ଦ୍ଦେଶ ଦେଇଥିଲା ତଦନ୍ତରେ ଜଣାପଡିଥିଲା ଯେ, କଲିଙ୍ଗଉଡ ତାଙ୍କ ପ୍ରାୟୋଜକତା ଚୁକ୍ତି ଏବଂ ବ୍ୟକ୍ତିଗତ ଆୟକୁ ଭୁଲ ଭାବରେ ରିପୋର୍ଟ କରିଛନ୍ତି । ସେ ମାମଲା ବିରୁଦ୍ଧରେ ଆବେଦନ କରିଥିଲେ, କିନ୍ତୁ କୋର୍ଟ ତାଙ୍କୁ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ବିଶେଷଜ୍ଞମାନେ କହିଛନ୍ତି ଯେ, କଲିଙ୍ଗଉଡ ବିବାଦ ତାଙ୍କ କ୍ୟାରିଅର୍ ଏବଂ ଇଂଲଣ୍ଡ କ୍ରିକେଟ ଦଳ ସହିତ ତାଙ୍କ ସମ୍ପର୍କକୁ ପ୍ରଭାବିତ କରିପାରେ ଏପର୍ଯ୍ୟନ୍ତ ଏହି ବିଷୟରେ ଆନୁଷ୍ଠାନିକ ଭାବରେ କୌଣସି ମନ୍ତବ୍ୟ ଦେଇନାହିଁ, କିନ୍ତୁ ତାଙ୍କ ଭବିଷ୍ୟତ ବିଷୟରେ ଅନେକ ପ୍ରଶ୍ନ ଉଠାଯାଉଛି ।

ପଲ କଲିଙ୍ଗଉଡଙ୍କର ଏକ ଚମତ୍କାର କ୍ରିକେଟ କ୍ୟାରିଅର ରହିଛି ସେ ୨୦୦୫ ରୁ ୨୦୧୯ ମଧ୍ୟରେ ଇଂଲଣ୍ଡକୁ ଅନେକ ସ୍ମରଣୀୟ ବିଜୟ ଦେଇଥିଲେ, କିନ୍ତୁ ତାଙ୍କ ବ୍ୟକ୍ତିଗତ ଜୀବନ ଏବଂ ଆଇନଗତ ବିବାଦ ଏବେ ତାଙ୍କ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ପାଲଟିଛି ।ଭବିଷ୍ୟତରେ କଲିଙ୍ଗଉଡି ପୁଣି ଦଳରେ ଯୋଗ ଦେବେ କି ନାହିଁ ତାହା କ୍ରିକେଟ ପ୍ରଶଂସକ ଏବଂ ବିଶେଷଜ୍ଞ ଉଭୟ କଡ଼ା ନଜର ରଖିଛନ୍ତି ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ